ବର୍ଷ-୨୬, ସଂଖ୍ୟା-୧୮୭
ଭୁବନେଶ୍ୱର
୧୩, ଜୁଲାଇ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 187
Bhubaneswar
13 July, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଇରାନ ଉପରେ ହଜାରେ କ୍ଷେପଣାସ୍ତ୍ର ମାଡ଼ କରିବୁ : ଟ୍ରମ୍ପ




ୱାଶିଂଟନ/ତେହରାନ, ୧୨।୭(ମହାଭାରତ): ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯଦି ଇରାନ ତାଙ୍କ ହତ୍ୟା ପାଇଁ କୌଣସି ଷଡଯନ୍ତ୍ର କରେ ତେବେ ଆମେରିକାର ୧୦୦୦ ମିସାଇଲ ତୁରନ୍ତ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛି। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଲେଖିଛନ୍ତି ଯେ, ଆମେରିକାର ମିସାଇଲଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଯଦି ଇରାନ ପକ୍ଷରୁ ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୁଏ, ତେବେ ଆମେରିକୀୟ ସେନା ଇରାନର ବିଭିନ୍ନ ସ୍ଥାନ ଉପରେ ସାମରିକ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛି। ଇରାନକୁ ମାଟିରେ ମିଶାଇ ଦେବାକୁ ଆମେରିକା ପଛାଇବ ନାହିଁ।ଅନ୍ୟପକ୍ଷରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖାମେନେଇ ଶନିବାର ଆମେରିକା ଉପରେ ପ୍ରତିଶୋଧ ନେବାକୁ ପଣ କରିଛନ୍ତି। ଇରାନର ନେତା ଓ ସାଧାରଣ ଜନତାଙ୍କ ହତ୍ୟାକାରୀଙ୍କ ଉପରେ ନିଶ୍ଚିତ ଭାବେ ପ୍ରତିଶୋଧ ନିଆଯିବ ଏବଂ ସେମାନଙ୍କୁ ଶାନ୍ତିରେ ମରିବାକୁ ଦିଆଯିବ ନାହିଁ ବୋଲି ଖାମେନେଇ ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ଦେଇ ଦର୍ଶାଇଛନ୍ତି। ସେହିପରି ଆମେରିକା ଉପରେ କୌଣସି ଭରସା ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ କହିଛନ୍ତି, ଯଦି ଆମେରିକା ଚୁକ୍ତି ଉଲ୍ଲଙ୍ଘନ କରେ କିମ୍ବା ବିଶ୍ୱାସଘାତକତା କରିବାକୁ ଚେଷ୍ଟା କରେ, ତେବେ ଇରାନ ନିଜର ସୁରକ୍ଷା ପାଇଁ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଆମେ ଆମେରିକାକୁ ଦୃଢ଼ ଭାବରେ ସାମ୍ନା କରିବୁ ଏବଂ ଇରାନ ଲୋକଙ୍କ ଅଧିକାରକୁ ରକ୍ଷା କରିବୁ। ଇଣ୍ଡୋନେସିଆର ପିପୁଲ୍ସ କନସଲଟେଟିଭ୍ ଆସେମ୍ବ୍ଲି ବାଚସ୍ପତି ଅହମଦ ମୁଜାନିଙ୍କ ସହ ସାକ୍ଷାତ ପରେ ଏକ ସରକାରୀ ଟେଲିଗ୍ରାମ ପୋଷ୍ଟରେ ଗାଲିବାଫ କହିଛନ୍ତି, ସମ୍ପ୍ରତି ଶାନ୍ତି ଆଲୋଚନା ସମୟରେ ସେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ ଆମେରିକା ଉପରେ ଇରାନର ଆଦୌ ବିଶ୍ୱାସ ନାହିଁ।ଇରାନ ନିଜକୁ ରକ୍ଷା କରିବା ପାଇଁ ସାମରିକ ପ୍ରସ୍ତୁତି କରିବା ବନ୍ଦ କରିବ ନାହିଁ।ସୂଚନାଥାଉ କି ଗତ କିଛିଦିନ ହେବ ଆମେରିକା ଓ ଇରାନ ମଧ୍ୟରେ ତିକ୍ତତା ପୁଣି ବଢିବାକୁ ଲାଗିଛି। ଜୁନ୍ ମାସରେ ଦୁଇ ଦେଶ ମଧ୍ୟରେ ସଂଘର୍ଷ ପରେ ଏକ ଅସ୍ଥାୟୀ ଯୁଦ୍ଧବିରାମ ଲାଗୁ ହୋଇଥିଲା; କିନ୍ତୁ ଉଭୟ ଦେଶ ପକ୍ଷରୁ ବୟାନବାଜି ଓ ସାମରିକ କାର୍ଯ୍ୟକଳାପ ଯୋଗୁଁ ପରିସ୍ଥିତି ପୁନର୍ବାର ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ଟ୍ରମ୍ପ ନାଟୋ ସମ୍ମିଳନୀରେ ମଧ୍ୟ କହିଥିଲେ ଯେ ସେ ଇରାନର 'ହିଟ୍ ଲିଷ୍ଟ'ର ଶୀର୍ଷରେ ଅଛନ୍ତି। ତାଙ୍କ ଦାବି ଅନୁସାରେ ଆମେରିକାର ଗୁପ୍ତଚର ସଂସ୍ଥାଗୁଡ଼ିକ ପାଖରେ ଇରାନ ପକ୍ଷରୁ ତାଙ୍କ ବିରୋଧରେ ଷଡଯନ୍ତ୍ର କରାଯାଉଥିବା ସୂଚନା ରହିଛି। ସେହି କାରଣରୁ ସେ ଆଗୁଆ ସତର୍କତା ଭାବେ ସେନାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏସବୁ ପ୍ରସଙ୍ଗକୁ ଦୃଷ୍ଟି ଦେଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି।

# ସୁସ୍ଥ ହେଲେ ଶ୍ରୀଜିଉ, ସରିଲା ରାଜପ୍ରାସାଦ ବିଜେ ନୀତି

ପୁରୀ,୧୨।୭(ମହାଭାରତ): ଲକ୍ଷଲକ୍ଷ ଭକ୍ତଙ୍କ ପାଇଁ ଆଶ୍ୱସ୍ତିକର ଖବର। ଅଣସର ଘରେ ଦୀର୍ଘ ଦିନର ଗୁପ୍ତ ଉପଚାର ପରେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାବାହୁ। ବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କୁ ବିଶେଷ 'ଦଶମୂଳ ଓଷୁଅ' ଲାଗି ହେବା ପରେ ଶ୍ରୀଜିଉମାନେ ଆରୋଗ୍ୟ ଲାଭ କରିଛନ୍ତି। ମହାପ୍ରଭୁଙ୍କ ସୁସ୍ଥତାର ଶୁଭ ଖବର ଗଜପତି ମହାରାଜାଙ୍କ ପାଖରେ ପହଞ୍ଚିବା ପରେ ସରିଛି ରାଜପ୍ରସାଦ ବିଜେ। ସେପଟେ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଦିନକ ପରେ ନବଯୌବନ ଦର୍ଶନ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସଜେଇ ହେଲାଣି ପୁରୀ ସହର। ଅଣସର ଘରେ ବୈଦ୍ୟଙ୍କ ପରାମର୍ଶରେ ମହାପ୍ରଭୁଙ୍କୁ ଦଶମୂଳ ଓଷୁଅ ଦିଆଯିବା ପରେ ସୁସ୍ଥ ହୋଇଛନ୍ତି ମହାବାହୁ। ପରମ୍ପରା ଅନୁସାରେ ସମ୍ପର୍ଣ୍ଣ ହୋଇଛି ରାଜପ୍ରସାଦ ବିଜେ ନୀତି । ଅନବସର ସମୟରେ ଶ୍ରୀଅଂଗରୁ ବାହାରିଥିବା ପ୍ରସାଦ ଚନ୍ଦନ, କରାଳ ଓ ପାଟଡୋରିକୁ ଧରି ଦଇତାପତିମାନେ ଶ୍ରୀନଅର ବିଜେ କରିଛନ୍ତି। ଗଜପତି ମହାରାଜାଙ୍କୁ ଦିଆଯାଇଛି ମହାପ୍ରଭୁଙ୍କ ସୁସ୍ଥ ହେବା ଖବର।

ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରିଛନ୍ତି ଗଜପତି ମହାରାଜା। ରଥଯାତ୍ରା କିଭଳି ଶାନ୍ତିଶୃଂଖଳାର ସହ ହେବ ସେ ନେଇ ଆଲୋଚନା କରିଛନ୍ତି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁପାଳନ କରିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି। ମହାପ୍ରଭୁଙ୍କ ସୁସ୍ଥତା ଖବର ପରେ ଏବେ ଶ୍ରୀକ୍ଷେତ୍ର ପୁରୀ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର 'ପ୍ରଭା' ଏବଂ 'ସିଂହାସନ' କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ଦୁଇ ଦିନ ମଧ୍ୟରେ ତିନି ରଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହେବ। ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖ ନବଯୌବନ ଦର୍ଶନ। ତେବେ ସୀମିତ ତଥା କମ୍ ସମୟ ପାଇଁ ଭକ୍ତ ମାନେ ନବଯୌବନ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ କମ୍ ସମୟ ଦର୍ଶନ ବ୍ୟବସ୍ଥା ରହିବ। ନେତ୍ରୋତ୍ସବ ପରଦିନ ଉଭା ଅମାବାସ୍ୟାରେ ମହାପ୍ରଭୁଙ୍କର ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ। ମହାପ୍ରଭୁ ଅଣସରରେ ଥିବାରୁ ଶ୍ରୀ ଅଲାରନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢିଛି। ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ରହିଛନ୍ତି। ସେପଟେ ଲକ୍ଷଲକ୍ଷ ଭକ୍ତଙ୍କ ଆଗମନକୁ ନେଇ ବଢ଼ିଛି ସୁରକ୍ଷା। ବଡଦାଣ୍ଡରେ ବି ସ୍ଥିତି ଅନୁଧ୍ୟାନ କରିଛନ୍ତି ପୁରୀ ଏସପି।

# ବହି କେଳେଙ୍କାରୀରେ କ୍ରାଇମ୍‌ବ୍ରାଞ୍ଚ ପଶିଲା

## ସମଗ୍ର ପ୍ରକ୍ରିୟାର ଆପରାଧିକ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୭(ମହାଭାରତ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ସରକାର ଆଜି ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମଗ୍ର ପ୍ରକ୍ରିୟା ଉପରେ ଆପରାଧିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସ୍ୱତନ୍ତ୍ର ଭାବେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏଫ୍‌ଆଇଆର୍ ଦାୟର କରିବାକୁ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପ୍ରସଙ୍ଗ ଏବେ ସୁଦ୍ଧା ପ୍ରଶାସନିକ ତଦନ୍ତ ଭିତରେ ସୀମିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟ ଏହି ପ୍ରସଙ୍ଗକୁ ଏକ ନୂଆ ଦିଗ ଦେଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପାଠ୍ୟପୁସ୍ତକରେ ଏତେ ତ୍ରୁଟି ପଛରେ ଷଡ୍‌ଯନ୍ତ୍ର ଥିବା ଭଳି ଲାଗୁଛି। ତେଣୁ ଏବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଲେ ଏହା ପଛରେ ବାସ୍ତବରେ ଷଡ୍‌ଯନ୍ତ୍ର ଅଛି ନା ଅନ୍ୟ କେଉଁସି କାରଣ ଅଛି ତାହା ସ୍ପଷ୍ଟ ହେବ। ଯେଉଁମାନେ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ସାମିଲ ଥିଲେ, କେଉଁ ବିଷୟ ପାଯିବ ନିଷ୍ପତ୍ତି ନେଇଥିଲେ, ଯେଉଁମାନେ ଏହାର ଡିଟିପି କରିଥିଲେ, ପ୍ରୁଫ୍ ଦେଖିଥିଲେ ସେହି ସମସ୍ତ ବ୍ୟକ୍ତିବିଶେଷ ଏବେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ପରିସରଭୁକ୍ତ ହେବେ।

ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ସେତିକ ନୁହେଁ, ତ୍ରୁଟି ସୁଧାରି ବହି ଯୋଗାଣ ପାଇଁ ମଧ୍ୟ ସରକାର ଇତିମଧ୍ୟରେ ନିଷ୍ପତ୍ତି ନେଇ ସାରିଛନ୍ତି। ଏହା ପରେ ବି ବିରୋଧୀ ଏହାକୁ ପ୍ରସଙ୍ଗ କରି ରଖିଛନ୍ତି। ଏହାକୁ ପ୍ରସଙ୍ଗ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଦିନକୁ ଦିନ ବିରୋଧୀଙ୍କ ଆନ୍ଦୋଳନ ଜିଲ୍ଲା ପରେ ଜିଲ୍ଲା ଡେଇଁ ଚାଲିଛି।

# ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର,୧୨।୭(ମହାଭାରତ): : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଶ୍ରୀ ପ୍ରଭାତ ବିଶ୍ୱାଳ ନିଜ ସହସ୍ରାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି ୬ ଜଣ କାଉନସିଲରଙ୍କ ସମେତ ଯୋଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଶ୍ରୀ ଜଗଦୀଶ ପ୍ରସାଦ ସାହୁ ବିଜେଡି ଛାଡି ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ଆଜିର ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍‌ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଂଚାୟତ ସମତି ଉପାଧକ୍ଷା ସୁପ୍ରିୟା ଜେଠୀ, ସରପଂଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା, ଫିରୋଜ ମହାପାତ୍ର, ହିମାଂଶୁ ଶେଖର ଷଡ଼ଙ୍ଗୀ, ଦିପାଳିବାଳା ଭୂୟାଁ, ବିଜେଡି ଉପସଭାପତି ଉପସଭାପତି ସଂଜିବ୍ ଦାସଙ୍କ ସମେତ ବିଭିନ୍ନ ୱାର୍ଡର ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ



ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି। ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ସାମଲ କହିଛନ୍ତି। ମିଶ୍ରଣ ପର୍ବ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡି ହୋଇଛି । ବିଜେଡି ବରିଷ୍ଠ ନେତା ଶ୍ରୀ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି । ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ । ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୂଳମନ୍ତ୍ର । ଏହି ବିଚାରାଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟର ସାଢେ ଚାରି କୋଟି ଓଡିଆଙ୍କ ସେବା କରିବା ପାଇଁ କାର୍ଯ୍ୟ କରିଆସୁଛି । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି । ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା । ଗତ ତିନି ମାସରେ ଐତିହାସିକ 'ଦେୟମୁକ୍ତ କେଜିରୁ ପିଜି ଶିକ୍ଷା', 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା', ଶିକ୍ଷା କ୍ଷେତ୍ରରେ ଅନୁସୁଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କୁ ଜନସଂଖ୍ୟା ଅନୁପାତରେ ଉଭୟ ସାଧାରଣ ଶିକ୍ଷା ଏବଂ ବୈଷୟିକ ଶିକ୍ଷାରେ ସଂରକ୍ଷଣ ପ୍ରଦାନ ତଥା ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ବର୍ଗଙ୍କୁ ମଧ୍ୟ ସଂରକ୍ଷଣ ପ୍ରଦାନ କରିବାର ନିଷ୍ପତି ନିଆଯାଇଛି । ଆମ ଦଳ କୌଣସି ବ୍ୟକ୍ତି କେନ୍ଦ୍ରୀକ ଦଳ ନୁହେଁ, ଏହା କାର୍ଯ୍ୟକ୍ରମ ଆଧାରିତ ଏବଂ ଗଣତାନ୍ତ୍ରିକ ପରଂପରା ଅନୁସାରେ ପରିଚାଳିତ । ପ୍ରଭାତ ବିଶ୍ୱାଳଙ୍କ ବିଜେପିରେ ଯୋଗଦାନ ପରେ ବିଜେଡିରେ ଭୁକଂପ ସୃଷ୍ଟି ହୋଇଛି । ଲୋକେ ଆଉ ବିଜେଡିକୁ ଚାହୁଁ ନାହାନ୍ତି । ଆମ ସରକାର ଲୋକଙ୍କ ସରକାର ହୋଇ କାମ କରୁଛି । ଲୋକଙ୍କ ସେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି । ବିକଶିତ ଓଡିଶା, ବିକଶିତ ଭାରତ ପାଇଁ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଏହି ଅବସରରେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ସେଠୀ, ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ଶ୍ରୀମତୀ ସ୍ମୃତି ପଟ୍ଟନାୟକ, କଟକ ଜିଲ୍ଲା ସଭାପତି (ନଗର) ସୁକାନ୍ତ ବିଶ୍ୱାଳ ଓ ପ୍ରଭାରୀ ଜ୍ଞାନଦେବ ବେଉରା, କଟକ ଜିଲ୍ଲା ସଭାପତି (ଗ୍ରାମୀଣ) ରାମନାରାୟଣ ମହାନ୍ତି ଓ ପ୍ରଭାରୀ କିଶୋର ପଣ୍ଡା, କେନ୍ଦୁଝର ଜିଲ୍ଲା ସଭାପତି ଶୁକଦେବ ମହନ୍ତ, ବରିଷ୍ଠ ନେତା ବିନୋଦ ଦାଶ, ମୁରଲୀ ଶର୍ମା, ଲଲାଟେନ୍ଦୁ ବସ୍ତ୍ର, ରଶ୍ମୀରେଖା ଦାଶ, ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ

# ଫଳ ପାଇଁ ବି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ

ଭୁବନେଶ୍ୱର,୧୨।୭(ମହାଭାରତ): ରାଜ୍ୟରେ ବାର୍ଷିକ ୨୭ଲକ୍ଷ ମେଟ୍ରିକ ଟନରୁ ଅଧିକ ବିଭିନ୍ନ କିସମର ଫଳ ଉତ୍ପାଦନ ହେଉଥିବାବେଳେ ଓଡିଶାର ଫଳ ବଜାର କିନ୍ତୁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ଏପରିକି ଅନ୍ୟ ରାଜ୍ୟର ଅମୃତଭଣ୍ଡା ଓ ଆମ୍ବ ଓଡିଶା ବଜାରକୁ ଦଖଲ କରୁଥିବାବେଳେ ଓଡିଶାରୁ ଉତ୍ପାଦିତ ଫଳ ପ୍ରତି ଲୋକେ ସେଭଳି ଆଗ୍ରହ ଦେଖାଉ ନାହାନ୍ତି ।



ଓଡିଶାରେ ପାଚିଲା ଅମୃତଭଣ୍ଡାର ବେଶ୍ ଚାହିଦା ଥିବାବେଳେ ରାଜ୍ୟରେ ପ୍ରାୟ ୧ଲକ୍ଷ ୨୦ହଜାର ମେଟ୍ରିକ ଟନ୍ ଅମୃତଭଣ୍ଡା ଉତ୍ପାଦନ ହେଉଛି । ତେବେ ଓଡିଶାର ଫଳ ବଜାରକୁ ଦୈନିକ ଟ୍ରକ ଟ୍ରକ ଅମୃତଭଣ୍ଡା କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ଆସୁଛି । ବ୍ୟବସାୟୀମାନଙ୍କ କହିବାକଥା ଯେ ଓଡିଶା ଅମୃତଭଣ୍ଡା ତୁଳନାରେ ସେହିସବୁ ରାଜ୍ୟରୁ ଆସୁଥିବା ଅମୃତଭଣ୍ଡାର ମାନ ଭଲ ରହୁଥିବାରୁ ଗ୍ରାହକମାନେ ସେଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ।

ସେହିଭଳି ଓଡିଶାରେ ଡାଳିମ୍ବର ବେଶ୍ ଚାହିଦା ଥିବାବେଳେ ଉତ୍ପାଦନ ଅତି ନଗଣ୍ୟ । ଉତ୍ପାଦନ ହେଉଛି ମାତ୍ର ୩୩୨୪ ମେଟ୍ରିକ ଟନ୍ । ତେଣୁ ଅଧିକାଂଶ ବ୍ୟବସାୟୀ ଏଥିପାଇଁ ମହାରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି । ଓଡିଶାରେ ଯେତିକି ବି ଡାଳିମ୍ବ ଉତ୍ପାଦନ ହେଉଛି ତାହାକୁ ନେବାକୁ ଗ୍ରାହକ ରାଜି ହେଉନାହାନ୍ତି । ରାଜ୍ୟରେ ଷ୍ଟ୍ରବେରୀର ଚାହିଦା ଥିବାବେଳେ ଏହାର ଉତ୍ପାଦନ କିନ୍ତୁ ୨୦ ମେଟ୍ରିକ ଟନ୍ ଛୁଇଁ ପାରୁନାହିଁ । ସମସ୍ତ ପ୍ରକାର ଅନୁକୂଳ ପାଣିପାଗ ଓ କୃଷି ବିଭାଗର ସହାୟତା ସତ୍ତ୍ୱେ ରାଜ୍ୟର ଚାଷୀମାନେ ଅଧିକ ଉତ୍ପାଦନ ନକରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଅନ୍ୟ ରାଜ୍ୟର ଚାଷୀଙ୍କ ଉତ୍ପାଦିତ ଷ୍ଟ୍ରବେରୀ ଫଳ ରାଜ୍ୟର ଫଳ ଦୋକାନ ଓ ମଲ୍‌ଗୁଡିକରେ ଚଢା ଦରରେ ବିକ୍ରି ହେଉଛି ।

ତେବେ ଓଡିଶାରେ ଡ୍ରାଗନ୍ ଫ୍ରୁଟ୍‌ର ଉତ୍ପାଦନ ବୃଦ୍ଧି ପାଇବା ସହିତ ଏହା ବିଦେଶକୁ ରପ୍ତାନି ହେବାରେ ଲାଗିଛି । ଏକଦା ଏହି ଫଳ ସଂକ୍ରାନ୍ତରେ ଅଜ୍ଞ ଥିବା ଓଡିଶାର ଚାଷୀମାନେ ୭ଶହ ମେଟ୍ରିକ ଟନରୁ ଅଧିକ ଡ୍ରାଗନଫ୍ରୁଟ ଉତ୍ପାଦନ କରୁଛନ୍ତି ।

ସେହିଭଳି ଓଡିଶାରେ ଆମ୍ବ ଉତ୍ପାଦନ ପରିମାଣ ୯ଲକ୍ଷ ମେଟ୍ରିକ ଟନ୍‌କୁ ଟପିଥିବାବେଳେ ଏହାର ରପ୍ତାନି ପରିମାଣ ବଢିବାରେ ଲାଗିଛି । ଢେଙ୍କାନାଳର ଆମ୍ବ ମଧ୍ୟପ୍ରାଚ୍ୟ ଓ ୟୁରୋପରେ ବେଶ୍ ଆଦରଲାଭ କରିଛି । କିନ୍ତୁ ସଂରକ୍ଷଣ ଅଭାବରୁ ଏବେ ଅନ୍ୟ ରାଜ୍ୟର ଆମ୍ବ ଓଡିଶା ବଜାରରେ ଚଢା ଦରରେ ବିକ୍ରି ହେବାରେ ଲାଗିଛି । ଓଡିଶାର ଆମ୍ବ ଋତୁ ପରେ ଏବେ ଅନ୍ୟ ରାଜ୍ୟର ଶୀତଳଭଣ୍ଡାରରେ ଥିବା ଆମ୍ବଗୁଡିକ ଓଡିଶା ବଜାରରେ ଆଧିପତ୍ର ବିସ୍ତାର କରିଛନ୍ତି । ଋତୁ ଭିତ୍ତିକ ଫଳ ଲିଚୁର ଚାହିଦା ବି ଓଡିଶା ବଜାରରେ ବେଶ ରହିଛି । ଓଡିଶାର କୋରାପୁଟ ସମେତ ଅନ୍ୟ କେତେକ ଜିଲ୍ଲାରେ ଲିଚୁ ଚାଷ ହେବା ସହି ବାର୍ଷିକ ୨୮ହଜାର ମେଟ୍ରିକ ଟନ୍ ଲିଚୁ ଫଳୁଛି । ତେବେ ଓଡିଶା ଖାଉଟିଙ୍କ ପାଇଁ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ବିହାରରେ ଫଳୁଥିବା ଲିଚୁ ଉପରେ ହିଁ ଓଡିଶାର ଫଳ ବ୍ୟବସାୟୀମାନେ ନିର୍ଭର କରୁଛନ୍ତି । ବିଭିନ୍ନ ପ୍ରକାର ଫଳ ଉତ୍ପାଦନ ପାଇଁ ଓଡିଶାର ଜଳବାୟୁ ବେଶ୍ ଅନୁକୂଳ ହୋଇଥିବାବେଳେ ଚାଷୀମାନଙ୍କ ଅନାଗ୍ରହ ଯୋଗୁଁ ଅନ୍ୟ ରାଜ୍ୟର ଚାଷୀମାନେ ଏହାର ବେଶ୍ ଫାଇଦା ଉଠାଉଛନ୍ତି । ଏ ବାବଦରେ ରାଜ୍ୟର ଶହ ଶହ କୋଟି ଟଙ୍କା ବାହାରକୁ ଚାଲିଯାଉଛି ଏବଂ ଓଡିଶାର ଲୋକେ ଦୀର୍ଘଦିନ ଧରି ଶୀତଳଭଣ୍ଡାରରେ ଥିବା ଫଳକୁ ଚଢା ଦରରେ କିଣି ଖାଇବାକୁ ବାଧ୍ୟ ହେଉଛନ୍ତି ।

# ହର୍ମୁଜରେ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ : ୧୦ ଉଦ୍ଧାର, ଜଣେ ନିଖୋଜ

ନୂଆଦିଲ୍ଲୀ,୧୨।୭(ମହାଭାରତ): ଆମେରିକା ଓ ଇରାନ ଭିତରେ ରବିବାର ପୁଣିଥରେ ବଡ଼ ଧରଣର ସଂଘର୍ଷ ଦେଖିବାକୁ ମିଳିଛି। ଏହାର ସବୁଠାରୁ ବଡ କାରଣ ହେଉଛି ଓମାନ ତଟରେ ସାଇପ୍ରସ୍ର ପତାକା ଥିବା ଜାହାଜ ଉପରେ ଆକ୍ରମଣ। ଏହି ଆକ୍ରମଣ କାରଣରୁ ଏବେ ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛି। ବେ ?ଦେଶିକ ମନ୍ତ୍ରଣାଳୟ ରବିବାର ଜାରି ବୟାନରେ କହିଚି ଭାରତର ଏଉଝ ଏବକ୍ଷବଙ୍ଘଙ୍କ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରୁଛି। ମିଳିଥିବା ସୂଚନା ଅନୁସାରେ, ଜାହାଜରେ ୧୧ ଭାରତୀୟ ନାଗରିକ ଥିଲେ। ତାଙ୍କ ଭିତରୁ ୧୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ସେଭଳି ଜଣେ ଭାରତୀୟ ଏବେ ବି ନିଖୋଜ ଅଛି। ତାଙ୍କର ସନ୍ଧାନରେ ରେସକ୍ୟୁ ଅପରେସନ୍ ଜାରି ରହିଛି।ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଓମାନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ନିଖୋଜ ଭାରତୀୟଙ୍କୁ ଖୋଜିବା ପାଇଁ ଓମାନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ଉଦ୍ଧାର କାର୍ଯ୍ୟ ଚାଲିଛି। ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ମଧ୍ୟ ଓମାନ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଛି। ଭାରତ କହିଛି ହର୍ମୁଜରେ ବାଣିଜ୍ୟିକ ଜାହାଜ ଉପରେ ଲଗାତାର ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ। ଏପରି ଆକ୍ରମଣ କେବଳ ସାମୁଦ୍ରିକ ବାଣିଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପାଇଁ ବିପଦ ସୃଷ୍ଟି କରୁଛି। ତେଣୁ, ସମସ୍ତ ପକ୍ଷଙ୍କୁ ତୁରନ୍ତ ଉତ୍ତ?ଜନା ହ୍ରାସ କରିବା ଏବଂ ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବା ଦରକାର।ଆକ୍ରମଣ ପରେ, ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏବଂ ୟୁକେର ସାମୁଦ୍ରିକ ସୁରକ୍ଷା ସଂସ୍ଥା, UKMTO, ସକ୍ରିୟ ହୋଇଥିଲା। ଉରଘଙ୍ଗଉଙଂଗ କହିଛି ଯେ ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କୋର୍ପସ କଣ୍ଟେନର ଜାହାଜ ଉପରେ ଏକ ଜୋରଦାର ଆକ୍ରମଣ କରିଥିଲା। ଆକ୍ରମଣ ପରେ, ଜାହାଜଟି ନିଆଁ ଲାଗିଗଲା ଏବଂ ଇଞ୍ଜିନ ରୁମ୍‌କୁ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ଏହି ଜାହାଜ ଆଗକୁ ଯାଇପାରିନଥିଲା। ଟକଘଙ୍ଗଙ କହିଛି ସମସ୍ତ କ୍ରୁ ସଦସ୍ୟ ଲାଇଫବୋଟରେ ଚଢ଼ି ଜାହାଜକୁ ମଝି ସମୁଦ୍ରରେ ଛାଡି ଦେଇଥିଲେ।

# ଇସ୍କନ ବିରୋଧରେ ବଢୁଛି ଅସନ୍ତୋଷ

## ପରମ୍ପରା ବିରୋଧୀ କାର୍ଯ୍ୟ ବନ୍ଦ କରିବାକୁ ଦାବି

ଭୁବନେଶ୍ୱର,୧୨।୭(ମହାଭାରତ): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ବଢ଼ିବାରେ ଲାଗିଛି ବିରୋଧ। ବିଭିନ୍ନ ସଂଗଠନ ପକ୍ଷରୁ ଇସ୍କନର ଏଭଳି ପରମ୍ପରା ବିରୋଧୀ କାର୍ଯ୍ୟକୁ ନିନ୍ଦା କରି ପ୍ରତିବାଦ କରିଛନ୍ତି ବିଭିନ୍ନ ସଂଗଠନ। କଳିଙ୍ଗ ସେନା ପରେ ଓ୍ୱି ଫର ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ଇସ୍କନ ସମ୍ମୁଖରେ ପ୍ରତିବାଦ କରାଯାଇଛି। ବିରୋଧ ବଢୁଥିବାବେଳେ ଅଡୁଆରେ ପଡିଛନ୍ତି ଓଡିଶା ଇସ୍କନ କର୍ତ୍ତୁପକ୍ଷ।

ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଖାତିର ନକରି ଇସ୍କନ ବିଦେଶରେ ଅଦିନିଆ ରଥଯାତ୍ରା ପାଳନ କରିବାକୁ ନେଇ ଓଡିଶାରେ ତେଜୁଛି ବିଦ୍‌ରୋହ। ଶନିବାର ଶ୍ରୀକ୍ଷେତ୍ର ବଡଦାଣ୍ଡରେ ବିରୋଧ କରିଥିଲେ ବୁଦ୍ଧିଜୀବୀ। ରବିବାର ଭୁବନେଶ୍ୱରରେ ଜୋରଦାର ପ୍ରତବାଦ କରିଛନ୍ତି ଓ୍ୱି ଫର ଭୁବନେଶ୍ୱର ଅନୁଷ୍ଠାନର ସଦସ୍ୟ। ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ହାତରେ ପ୍ଲାକାର୍ଡ ଧରି କରିଛନ୍ତି ଆନ୍‌ଦୋଳନ । ବିଦେଶରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରିବାକୁ ରଖିଛନ୍ତି ଦାବି। ଏଥିସହ ଗଜପତିଙ୍କ ଚିଠିରେ ଇସ୍କନ ରଖିଥିବା ମନ୍ତବ୍ୟକୁ ଘୋର ବିରୋଧ କରିଛନ୍ତି। ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନକୁ ସହ୍ୟ କରାଯିବ ନାହିଁ ଏବଂ ଏହାର ସୁରକ୍ଷା ପାଇଁ ପ୍ରତିବାଦ ଜୋର ହେବ ବୋଲି ପୂର୍ବରୁ ଚେତାବନୀ ଦେଇଥିଲା କଳିଙ୍ଗ ସେନା। ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ଇସ୍କନର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ବିବାଦରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଦୁଇ ଦିନ ତଳେ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ଗଜପତିଙ୍କ ଅନୁରୋଧକୁ ପ୍ରତିଖ୍ୟାନ କରିଥିଲା ଇସ୍କନ। ଏ ପ୍ରସଙ୍ଗରେ ସମସ୍ତ ଆଲୋଚନ ବନ୍ଦ କରାଗଲା ବୋଲି ମେଲ ଜରିଆରେ ସ୍ପଷ୍ଟ କରିଥିଲା। ଯାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କୁ ଲାଗିଛି ଶକ୍ତ ଆଘାତ।



## ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମା

ମସଲାଯୁକ୍ତ ଖାଦ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। କମ୍ ତେଲ, ମସଲାରେ କ'ଣ ଖାଦ୍ୟ ପ୍ରସ୍ତୁତ ହେବେ ସେନେଇ ସର୍ବଦା ଗୃହିଣୀମାନେ ଚିନ୍ତାରେ ପଡ଼ିଯାଇଥାଆନ୍ତି। କମ୍ ତେଲ ଓ ମସଲାରେ ୧୦ମିନିଟରେ ପ୍ରସ୍ତୁତ ହେଉଥିବା ୧୦ ପ୍ରକାର ଉପମାର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ଆସନ୍ତୁ ଜାଣିବା।

ସୁଜି ଉପମା;ପ୍ରଥମେ ସୁଜି, ପିଆଜ ଓ ଆପଣଙ୍କ ପସନ୍ଦ ମୁତାବକ ପନିପରିବାକୁ ଭାଜିକି ରଖନ୍ତୁ। ନିଜର ଆବଶ୍ୟକତା ଅନୁଯାୟୀ ପାଣିକୁ ଫୁଟାନ୍ତୁ। ପାଣି ଫୁଟି ଗଲା ପରେ ସେଥିରେ ଭଜା ଯାଇଥିବା ସୁଜି, ପିଆଜ ଓ ପନିପରିବାକୁ ପକାଇ ଗୋଳାଇ ଦିଅନ୍ତୁ। ୫ ମିନିଟ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ପରସି ଦିଅନ୍ତୁ ଗରମାଗରମ ଉପମା।

ବ୍ରେଡ ଉପମା:ସମାନଶୈଳୀରେ ଡାଲିଆ, ଚୁଡ଼ା, ସିମେଇ, ଶାଗୁ, ଓଟସ, ପାଳଙ୍ଗ, ସୋୟାବିନ୍ ଉପାମ ପ୍ରସ୍ତୁତ କରି ପାରିବେ। ସେହିପରି ପ୍ରଥମେ ତେଲରେ ପିଆଜ ସହିତ ବିଭିନ୍ନ ପ୍ରକାର ପନିପରିବାକୁ ଭାଜି ସେଥିରେ ଶୁଖିଲା ରୁଟିକୁ ଖଣ୍ଡଖଣ୍ଡ କରି ଚଟାପଟ ଉପାମା ପ୍ରସ୍ତୁତ କରିପାରିବେ। ଏହି ଉପାୟରେ ବ୍ରେଡ ଉପମା ବି ପ୍ରସ୍ତୁତ ହୋଇପାରିବ



**ଖବର**

# ହନିମୁନ୍ ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବେ ଆମିର ଖାନ୍ ଓ ଗୌରୀ



ବଲିଉଡ ଅଭିନେତା ଆମିର୍ ଖାନ ଏବଂ ତାଙ୍କ ସଦ୍ୟବିବାହିତା ପତ୍ନୀ ଗୌରୀ ସ୍ପ୍ରେଟ୍ ହନିମୁନ୍ ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବେ। ସେ ଦୁହେଁ ମେଲବୋର୍ଣ୍ଣ ଯିବେ। ଗତ ଜୁଲାଇ ୬ ତାରିଖରେ ନିଜ ଘରେ ଆୟୋଜିତ ଏକ ବ୍ୟକ୍ତିଗତ ସମାରୋହରେ ବିବାହ କରିଥିଲେ। ବିବାହ ପରେ ଏହି ଦମ୍ପତି ବର୍ତ୍ତମାନ ଅଷ୍ଟ୍ରେଲିଆରେ ହନିମୁନ୍ ମନାଇବାକୁ ପ୍ରସ୍ତୁତ ହେଉଛନ୍ତି। ଖବର ଅନୁଯାୟୀ ଏହି ଯାତ୍ରାରେ ଆମିର ଖାନଙ୍କ ସାନପୁଅ ଆଜାଦ ଏବଂ ଗୌରୀଙ୍କ ପୁଅ କ୍ୱିନ୍ ମଧ୍ୟ ଉଭୟଙ୍କ ସହ ଯିବେ।କୁହାଯାଉଛି ଯେ ଏହା ଉଭୟ ପରିବାରର ପିଲାମାନେ ପରସ୍ପରକୁ ବୁଝିବାର ସୁଯୋଗ ଦେବ ଏହି ସମୟରେ, ଆମୀର ଏବଂ ଗେରୀ ଏକତ୍ର ସମୟ ବିତାଇବାକୁ ସମର୍ଥ ହେବେ ଆମିର ଖାନ ଏବଂ ଗେରୀ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଏମ) ରେ ବି ଅଂଶଗ୍ରହଣ କରିବେ। ସେମାନଙ୍କ କାର୍ଯ୍ୟ ବ୍ୟତୀତ ଆମୀର ଖାନ ଏବଂ ଗୌରୀ ମଧ୍ୟ ଏହି ଯାତ୍ରା ସମୟରେ ଛୁଟିଦିନ ଉପଭୋଗ କରିବେ ବଲିଉଡ୍ ଅଭିନେତା ଆମିର ଖାନ ଓ ତାଙ୍କ ଦୀର୍ଘଦିନର ସାଥୀ ଗୌରୀ ସ୍ପ୍ରେଟ୍ ଜୁଲାଇ ୬ରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ପାଲି ହିଲରେ ଥିବା ନିଜ ବାସଭବନରେ ଏକ ସରଳ ଓ ବ୍ୟକ୍ତିଗତ ସମାରୋହରେ ବିବାହ କରିଛନ୍ତି। ଏହି ବିବାହରେ କେବଳ ପରିବାର ସଦସ୍ୟ ଓ ନିକଟତମ ବନ୍ଧୁମାନେ ଉପସ୍ଥିତ ଥିଲେ।

## ସୋମବାର ବିଶେଷ : ପ୍ରଭୁଙ୍କୁ ଅର୍ପଣ କରନ୍ତୁ ଅରୁଆ ଚାଉଳି



ସୋମବାର ପ୍ରଭୁ ଶଙ୍କରଙ୍କୁ ସମର୍ପିତ। ଏହି ଦିନ ପ୍ରଭୁ ମହାଦେବଙ୍କ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର କିଛି ସରଳ ଉପାୟ ରହିଛି, ଯାହାକୁ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ପ୍ରଭୁ ଶିବଶଙ୍କରଙ୍କୁ ଅକ୍ଷତ କିମ୍ବା ଏକ ମୁଠା ଗୋଟା ଅରୁଆ ଚାଉଳ ଅର୍ପଣ କରନ୍ତୁ। ଏହାଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇ ଧନ ବୃଦ୍ଧି ହୋଇଥାଏ। ପ୍ରଭୁ ଶଙ୍କରଙ୍କୁ କଳା ରାଶି ଅର୍ପଣ କରନ୍ତୁ। ଏହାଦ୍ୱାରା ମାନସିକ ଓ ଶାରୀରିକ ଶାନ୍ତି ମିଳିଥାଏ। ରୋଗ ଦୂର ହୋଇଥାଏ। ପ୍ରଭୁଙ୍କ ନିକଟରେ ହରଡ ଡାଲି ଅର୍ପଣ କରିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତି ହୋଇଥାଏ। ବିବାହରେ ବିଳମ୍ବ ହେଉଥିଲେ ପ୍ରଭୁଙ୍କ ନିକଟରେ ଗହମ ଅର୍ପଣ କରନ୍ତୁ। ଶିବ ଲିଙ୍ଗରେ ହଳଦିଆ ମୁଗ ଅର୍ପଣ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ।

# ବିବେକରୂପୀ ଜ୍ଞାନ ଦୂରକରେ ହୃଦୟର ଅନ୍ଧକାର



ଭଗବାନ ଶ୍ରୀରାମ ବେଳେ ବେଳେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ। ଦିନେ ସତ୍‌ପୁରୁଷଙ୍କ ସହ ସତ୍‌ସଙ୍ଗ କରିବାର ମହତ୍ତ୍ୱ ବିଷୟରେ ଶ୍ରୀରାମ ପଚାରିଲେ । ତାଙ୍କୁ ବୁଝାଇବାକୁ ଯାଇ ଗୁରୁ ବଶିଷ୍ଠ କହିଲେ, ଯେପରି ଦୀପ ଅନ୍ଧାରକୁ ନଷ୍ଟ କରିଥାଏ, ସେହିପରି ବିବେକ ଜ୍ଞାନ ସମ୍ପନ୍ନ ମହାପୁରୁଷ ହୃଦୟରେ ଥିବା ଆନନ୍ଦରୂପୀ ଅନ୍ଧକାରକୁ ହଟାଇବା ଲାଗି ସମର୍ଥ ହୋଇଥାଏ । ସେଥିପାଇଁ ସମସ୍ତ ଧର୍ମଗ୍ରନ୍ଥରେ ପ୍ରତିଦିନ ସତ୍‌ସଙ୍ଗ ଏବଂ ଶାସ୍ତ୍ର ବ୍ୟାଖ୍ୟାନ କରିବା ପାଇଁ ପରାମର୍ଶ ଦିଆଯାଇଛି । ମହର୍ଷି ବଶିଷ୍ଠ ଆହୁରି କହିଥିଲେ ଯେ ବିବେକୀ ମହାପୁରୁଷମାନେ ଇନ୍ଦ୍ରିୟ ଅନୁଗ୍ରାହୀ ହୋଇଥାନ୍ତି, ବୈରାଗୀ ତଥା ପ୍ରତିକ୍ଷଣରେ ବ୍ରହ୍ମ ଚିନ୍ତନ କରିଥାନ୍ତି । ଏଭଳି ମହାପୁରୁଷଙ୍କ ଠାରେ ତମୋଗୁଣର ଅଭାବ ରହିଥାଏ, ରଜୋଗୁଣ ଠାରୁ ଏମାନେ ଦୂରରେ ରହିଥାନ୍ତି । ଏମାନଙ୍କ ହୃଦୟରେ ସଂସାର ପ୍ରତି ବୈରାଗ୍ୟ ସୁଦୃଢ଼ ଥାଏ । ପୁଣ୍ୟ ବଳରେ ଏଭଳି ସତ୍‌ପୁରୁଷଙ୍କ ସାନ୍ନିଧ୍ୟ ମିଳିବା ସମ୍ଭବ । ଆନନ୍ଦ ସ୍ୱରୂପ ଆତ୍ମାର ଅନୁଭୂତି ହେବା ଦ୍ୱାରା ସାଧକ ଧନ-ସମ୍ପତ୍ତି, ଭୋଗ-ବୈଭବ ତ୍ୟାଗ କରିବା ଲାଗି ସର୍ବଦା ତତ୍ପର ରହିଥାଏ । ଏଥର ଶ୍ରୀରାମ ପଚାରିଲେ, ଗୁରୁବର, ଏଭଳି ମହାପୁରୁଷଙ୍କ ସର୍ବୋତ୍କୃଷ୍ଟ ଗୁଣ କ'ଣ ? ବଶିଷ୍ଠ କହିଲେ, ସେହି ଗୁଣର ନାମ ହେଉଛି ବିବେକ । ବିବେକ ଅଧିକାରୀ ପୁରୁଷର ହୃଦୟରୂପୀ ଗୁମ୍ଫା ଏଭଳି ହୋଇଥାଏ, ଯେପରି ନିର୍ମଳ ଆକାଶରେ ଚନ୍ଦ୍ର । ବିବେକ ହିଁ ଅଜ୍ଞାନୀ ଜୀବକୁ ଜ୍ଞାନ ପ୍ରଦାନ କରିଥାଏ । ଜ୍ଞାନସ୍ୱରୂପ ଆତ୍ମା ହିଁ ପରମେଶ୍ୱର । ଜ୍ଞାନରୂପୀ ସୂର୍ଯ୍ୟ ଉଦୟ ହେବା ମାତ୍ରେ ସଂସାର ରୂପୀ ରାତ୍ରୀ ବିତିଯାଇ ମନରେ ଥିବା ପିଶାଚ ନଷ୍ଟ ହୋଇଯାଇଥାଏ ।

# କାଳୀୟ ଦଳନ



ଦିନେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀ କୂଳରେ ପହଞ୍ଚିଲେ । ତାଙ୍କ ସହିତ ବଳରାମ ନଥିଲେ । ଯମୁନା ନଦୀର ଜଳ କାଳୀୟ ନାଗର ବିଷ ଦ୍ୱାରା ନୀଳ ପଡ଼ିଯାଇଥିଲା । ସେଦିନ ପ୍ରବଳ ଗରମ ହେଉଥିଲା। ଗୋପବାଳକ ଓ ଗାଈଗୋରୁ ଶୋଷରେ ଆଉଟୁପାଉଟୁ ହେଉଥିଲେ । ଆଗପଛ ବିଚାର ନକରି ସମସ୍ତେ ଯମୁନା ନଦୀ ଜଳ ପିଇଗଲେ। ହେଲେ ବିଷ ପ୍ରଭାବରୁ ସମସ୍ତେ ପ୍ରାଣ ହରାଇଲେ । ଶ୍ରୀକୃଷ୍ଣ ଏସବୁ ଦୃଶ୍ୟ ଦେଖୁଥିଲେ । ସେ ତତ୍‌କ୍ଷଣାତ ସମସ୍ତଙ୍କୁ ବଞ୍ଚାଇଦେଲେ । ଏହାପରେ ଭଗବାନ ଶ୍ରୀକୃଷ୍ଣ ଯମୁନା ନଦୀର ଜଳକୁ ବିଷମୁକ୍ତ କରିବାକୁ ଚେଷ୍ଟା କଲେ । ଅଣ୍ଟାରେ ଗାମୁଛା ବାନ୍ଧି ସେ କଦମ୍ବ ଗଛକୁ ଚଢ଼ିଗଲେ ଏବଂ ସେଠାରୁ ଯମୁନା ନଦୀକୁ ଡେଇଁ ପଡ଼ିଲେ । ପାଣିରେ ସେ ଖେଳିବାକୁ ଲାଗିଲେ । ହାତ ଆଞ୍ଜୁଳିରେ ଯମୁନା ଜଳ ଫିଙ୍ଗିବାକୁ ଲାଗିଲେ । ଯମୁନା ନଦୀରେ ବଡ଼ ବଡ଼ ଢେଉ ଉଠିଲା । କାଳୀୟ ନାଗ ଏହି ଆଭାସ ପାଇଲା । ସେ କ୍ରୋଧିତ ହୋଇପଡ଼ିଲା ଓ ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆସି ଉଭା ହେଲା । ସେ ଦେଖିଲା ଯେ କୃଷ୍ଣବର୍ଣ୍ଣର ଏକ ସୁନ୍ଦର ବାଳକ ଯମୁନା ଜଳରେ ଖେଳୁଛି । କାଳୀୟନାଗ ଲାଙ୍ଗୁଡ଼ରେ କୃଷ୍ଣଙ୍କୁ ଗୁଡ଼ାଇ ଚାପିଦେଲା । କୃଷ୍ଣଙ୍କୁ ଏଭଳି ସ୍ଥିତିରେ ଦେଖି ଅନ୍ୟ ଗୋପବାଳକ ଓ ଗୋରୁଗାଈ ଭୟଭୀତ ହୋଇପଡ଼ିଲେ । ମାତ୍ର ପରକ୍ଷଣରେ ଶ୍ରୀକୃଷ୍ଣ ନିଜକୁ ନାଗ କବଳରୁ ଛଡ଼ାଇନେଲେ। ଏହାପରେ କୃଷ୍ଣ ଓ ନାଗ ମଧ୍ୟରେ ଛକାପଞ୍ଝା ଲାଗି ରହିଲା। ଶେଷରେ ଶ୍ରୀକୃଷ୍ଣ କାଳୀୟ ନାଗର ଫଣା ଉପରକୁ ଚଢ଼ିଗଲେ ଏବଂ ନାଚିବାକୁ ଲାଗିଲେ। ଦୀର୍ଘ ସମୟ ଧରି ସେ ବଂଶୀ ବଜାଇ ନାଚିବା ଜାରି ରଖିଲେ। ଭଗବାନଙ୍କୁ ନାଚୁଥିବାର ଦେଖି ଦେବତା, ଯକ୍ଷ, ଗନ୍ଧର୍ବ ଆନନ୍ଦିତ ହୋଇ ମୃଦଙ୍ଗ ବଜାଇବାକୁ ଲାଗିଲେ । ସମଗ୍ର ସ୍ୱର୍ଗପୁରୀ ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଏହି ଲୀଳା ଦେଖି ଆନନ୍ଦରେ ଗଦ୍‌ଗଦ୍ ହୋଇଉଠିଲା। ଶ୍ରୀକୃଷ୍ଣଙ୍କ ପାଦର ଭାର ସହିନପାରି କାଳୀୟ ନାଗ ରକ୍ତବାନ୍ତି କରିପକାଇଲା । ନାଗର ପତ୍ନୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପ୍ରକଟ ହୋଇ କ୍ଷମା ପ୍ରାର୍ଥନା କଲା। ହେ ଭଗବାନ! ଦୁଷ୍ଟମାନଙ୍କର ସଂହାର ପାଇଁ ଆପଣ ଅବତାର ନେଇଛନ୍ତି । ଆପଣଙ୍କ ଶୌର୍ଯ୍ୟ ଦେଖି ଆମେ ମଧ୍ୟ ନିଜ ଭୁଲ୍ ବୁଝିପାରିଛୁ । କାଳୀୟ ନାଗ ଆପଣଙ୍କ ଚାପ ସହିବାରେ ଅସମର୍ଥ । ଦୟାକରି ତା'କୁ କ୍ଷମା ଦିଅନ୍ତୁ । ଦୟାଳୁ ଭଗବାନ କାଳୀୟ ନାଗକୁ ଛାଡ଼ିଦେଲେ। ତେଣୁ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ପରମେଶ୍ୱର! ଆପଣଙ୍କ ସୃଷ୍ଟିରେ ଆମେ ସର୍ପଗଣ ତମୋଗୁଣର ପ୍ରତିନିଧିତ୍ୱ କରିଥାଉ । ତେଣୁ ହେ ଭଗବାନ! ମୁଁ ଆପଣଙ୍କ ମାୟା ଦ୍ୱାରା ଦ୍ୱନ୍ଦ୍ୱରେ ପଡ଼ିଯାଇଛି । ଦୟାକରି ମୋର ତ୍ରୁଟି ମାର୍ଜନା କରନ୍ତୁ । ଏହାପରେ ଭଗବାନ କାଳୀୟକୁ କ୍ଷମାଦାନ କଲେ। କାଳୀୟ ନାଗ ସବୁଦିନ ପାଇଁ ଯମୁନା ନଦୀ ତ୍ୟାଗ କରି ରମନକଦ୍ୱୀପରେ ରହିବାକୁ ଚାଲିଗଲା। ସେବେଠାରୁ ଯମୁନା ଜଳ ବିଷ ପ୍ରଭାବରୁ ମୁକ୍ତ ହୋଇଗଲା।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି । ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

## ବିଦ୍ୟାଳୟ ବିକାଶରେ ସକ୍ରିୟ ଭାଗିଦାରୀ ହେବାକୁ ଆହ୍ୱାନ

**ଭୁବନେଶ୍ୱର,୧୨।୭ (ମହାଭାରତ):** ପଂଚସଖା ଶିକ୍ଷା ସେତୁ ସଂଗଠନର ଦ୍ୱିତୀୟ ପରିଚାଳନା ପରିଷଦ ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଂଗଠନର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଗଠନ ମାଧ୍ୟମରେ ବିଦ୍ୟାଳୟମାନଙ୍କରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ ବର୍ଷର କାର୍ଯ୍ୟଯୋଜନା, ବଜେଟ୍ ଏବଂ ସଂଗଠନର ସାମଗ୍ରିକ କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବବିଦ୍ୟାଳୟରେ ଶିକ୍ଷାର ବିକାଶ ପାଇଁ ପଂଚଶିକ୍ଷା ସେତୁ ସଂଗଠନ କିପରି କାର୍ଯ୍ୟ କରୁଛି, ସେଥିରେ ସ୍ଥାନୀୟ ଜନସାଧାରଣ ତଥା ଅଭିଭାବକମାନଙ୍କ ଠାରୁ ପରାମର୍ଶ ଓ ମତାମତ ସଂଗ୍ରହ ସହ ନିଜ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ସଂଗଠନର କାର୍ଯ୍ୟାବଳୀ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍ ତିରୁମାଳା ନାଏକ ଉପସ୍ଥାପନ



କରିଥିଲେ। ବୈଠକରୁ ଜଣାଯାଇଛି ଯେ, 'ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ' ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟରେ ୧୧.୫୬ ଲକ୍ଷରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ସଂଯୁକ୍ତ ହୋଇଥିବା ବେଳେ ୮୦,୩୩୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ୨୮ କୋଟି ଟଙ୍କାରୁ ଅଧିକ ଅବଦାନ ସଂଗୃହୀତ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ୫୭୧ କୋଟି ଟଙ୍କାର ଦୁଇଗୁଣା ମ୍ୟାଚିଂ ଗ୍ରାଂଟ ପ୍ରଦାନ କରାଯାଇଛି। ଏହି ଅନୁଦାନ ବିଦ୍ୟାଳୟଗୁଡ଼ିକର ମରାମତି, ଅତିରିକ୍ତ ଶ୍ରେଣୀଗୃହ ଏବଂ ବହୁମୁଖୀ ସଭାଗୃହ ନିର୍ମାଣ, ବିଜ୍ଞାନାଗାର, ପାଠାଗାର, ରୋଷେଇ ଘର, ସାଇକେଲ ଷ୍ଟାଣ୍ଡ, ଆସବାବପତ୍ର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଭଳି କାର୍ଯ୍ୟ କରାଯାଉଛି ।ଆଗାମୀ ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ନିମନ୍ତେ ୮୦ କୋଟି ଟଙ୍କା ପ୍ରାବଧାନ ରଖାଯାଇଛି। ୨୦୨୫-୨୬ ବର୍ଷରେ ମୋଟ ୨୦,୦୬୪ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟମାନଙ୍କ ସହ ଯୋଡ଼ି ହୋଇଛନ୍ତି ଏବଂ ସେମାନେ ୧୫.୮୭ କୋଟିର ଅନୁଦାନ ପ୍ରଦାନ କରିଥିବା ବେଳେ ସରକାରଙ୍କ ପକ୍ଷରୁ ୨ ଗୁଣା ଅନୁଦାନ ହିସାବରେ ୩୧.୭୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ବୈଠକରେ ପଂଚସଖା ଶିକ୍ଷା ସେତୁ ସଂଗଠନର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରିତା ସଫଳ କାହାଣୀ ଉପସ୍ଥାପନ କରାଯାଇଥିଲା।

ପଂଚସଖା ଶିକ୍ଷା ସେତୁ ସଂଗଠନର କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହାର ୱେବ୍ ସାଇଟ୍ କୁ ବିକଶିତ ଓ ଅଦ୍ୟତନ କରିବା ସହ ଏହାକୁ ଯେପରି ପୁରାତନ ଛାତ୍ରଛାତ୍ରୀମାନେ ସୁବିଧାରେ ଓ ସହଜରେ ବ୍ୟବହାର କରି ସେମାନଙ୍କର ଅନୁଦାନ ରାଶି ବିଦ୍ୟାଳୟକୁ ପଠାଇପାରିବେ ଓ ତଥ୍ୟ ଜାଣିପାରିବେ, ସେ ସଂପର୍କରେ ପରାମର୍ଶ ଦେଇଥିଲେ । ପଂଚସଖା ଶିକ୍ଷା ସେତୁ ସଂଗଠନ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନୟନ ସଙ୍ଗେ ସଙ୍ଗେ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶରେ କିପରି ଯୋଗଦାନ ଦେଇପାରିବ, ସେଥିପ୍ରତି ଆଗେଇ ଆସିବାକୁ ସେ ପରାମର୍ଶ ଦେଇଛନ୍ତି । ଏଥି ସହିତ ସେ ସଂଗଠନପରିଚାଳନା କମିଟି ପୁନର୍ଗଠନ କରି କେତେକ ନୂତନ ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଐତିହ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ, ଆକାଂକ୍ଷୀ ପାଠ୍ୟକ୍ରମ ଓ ଆକାଂକ୍ଷୀ ପରିଷଦ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଦ୍ୟାଳୟର ପରିଚ୍ଛନ୍ନତା ଓ ସୁରକ୍ଷା ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ହଲ୍ ନିର୍ମାଣ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା।ବିଦ୍ୟାଳୟ ସମ୍ପତ୍ତିର ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ, କର୍ପୋରେଟ୍ ସାମାଜିକ ଦାୟିତ୍ୱ ( ସିଏସଆର) ଅବଦାନ ବୃଦ୍ଧି, ଆଲୁମନି ସଂଯୋଗକୁ ଅଧିକ ବ୍ୟାପକ କରିବା ସହ ଡିଜିଟାଲ୍ ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକ୍ରମ ପରିଚାଳନାକୁ ସରଳ, ସହଜକରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ଜାଲ୍ ଚିଠି ପ୍ରଚାର ସମ୍ପର୍କରେ ସ୍ପଷ୍ଟୀକରଣ

**ଭୁବନେଶ୍ୱର,୧୨।୭ (ମହାଭାରତ):** ଅର୍ଥ ବିଭାଗର ପତ୍ର ସଂଖ୍ୟା ୧୦୯୧୧/ର, ତାରିଖ ୨୪.୦୪.୨୦୨୬ ନାମରେ ଏକ ଜାଲ୍ ଓ ସମ୍ପୂର୍ଣ୍ଣ ମନଗଢ଼ା ପତ୍ର ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି । ଏହି ଜାଲ୍ ପତ୍ରକୁ ଆଧାର କରି କେତେକ ଗଣମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରକାଶ ପାଇଥିବା ଦେଖାଯାଇଛି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି।

ଉକ୍ତ ଜାଲ୍ ପତ୍ରରେ ଓସେପା ଅଧୀନରେ ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି ସହ ପ୍ରତି ଶିକ୍ଷକଙ୍କୁ ମାସିକ ୨୬୦୦୦ ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ବୋଲି ମିଥ୍ୟା ଦାବି କରାଯାଇଛି । ଉକ୍ତ ପତ୍ରଟି ସମ୍ପୂର୍ଣ୍ଣ ଜାଲ୍, ମନଗଢ଼ା ଏବଂ ଅନଧିକୃତ । ଅର୍ଥ ବିଭାଗ ଦ୍ୱାରା ଏପରି କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ । ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି କିମ୍ବା ନିଯୁକ୍ତି ସମ୍ପର୍କରେ ଉକ୍ତ ପତ୍ର ମାଧ୍ୟମରେ କୌଣସି ସରକାରୀ ଅନୁମୋଦନ ପ୍ରଦାନ କରାଯାଇନାହିଁ । ପତ୍ରରେ ଥିବା ଦସ୍ତଖତ, ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖରେ ଏହାର କୌଣସି ଆଧାର ନାହିଁ ।

ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ। ଏହି ଘଟଣା ସମ୍ପର୍କରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅବଗତ କରାଯାଇଛି। ରାଜ୍ୟ ସରକାର ସାଧାରଣ ଜନତା ଓ ଗଣମାଧ୍ୟମକୁ ଅନୁରୋଧ କରୁଛନ୍ତି ଯେ, ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ସରକାରୀ ପତ୍ରକୁ ଯାଂଚ ବିନା ବିଶ୍ୱାସ କିମ୍ବା ପ୍ରଚାର କରନ୍ତୁ ନାହିଁ । ସରକାରୀ ସୂଚନା କେବଳ ସରକାରୀ ବିଜ୍ଞପ୍ତି, ୱେବସାଇଟ୍ କିମ୍ବା ସମ୍ପୃକ୍ତ ବିଭାଗରୁ ହିଁ ନିଶ୍ଚିତ କରନ୍ତୁ।

## ଓଡ଼ିଶା ପୋଲିସରେ ୨୬ ହଜାର ପଦବୀ ଖାଲି

**ଭୁବନେଶ୍ୱର,୧୨।୭ (ମହାଭାରତ):** ଓଡ଼ିଶା ପୋଲିସ ବିଭାଗରେ ମାନବ ସମ୍ବଳର ଅଭାବ ରହିଥିବା କହିଛନ୍ତି ପୋଲିସ



ମହାନିର୍ଦ୍ଦେଶକ (ଡିଜିପି) ୱାଇ. ବି. ଖୁରାନିଆ। ବର୍ତ୍ତମାନ ରାଜ୍ୟ ପୋଲିସ ବିଭାଗରେ ପ୍ରାୟ ୨୬ ହଜାର ପଦବୀ ଖାଲି ପଡ଼ିଥିବା ସେ ସୂଚନା ଦେଇଛନ୍ତି। ଡିଜିପି କହିଛନ୍ତି ଯେ, ରାଜ୍ୟର ବୃଦ୍ଧିଶୀଳ ଜନସଂଖ୍ୟା ଅନୁସାରେ ପୋଲିସ ବଳର ସଂଖ୍ୟା ପର୍ଯ୍ୟାପ୍ତ ନାହିଁ। ଅନ୍ୟ ରାଜ୍ୟ ତୁଳନାରେ ମଧ ଓଡ଼ିଶାରେ ପୋଲିସ ମାନବ ସମ୍ବଳ କମ୍ ରହିଥିବା ସେ କହିଛନ୍ତି।

ସେ କହିଛନ୍ତି ଯେ, ପୋଲିସ ବିଭାଗକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ୧୭ ହଜାର ନୂଆ ପଦବୀ ସୃଷ୍ଟିକୁ ଅନୁମୋଦନ କରିଛନ୍ତି। ନୂତନ ସୃଷ୍ଟି ହୋଇଥିବା ପଦବୀ ଏବଂ ପୂର୍ବରୁ ଖାଲି ଥିବା ପଦବୀକୁ ମିଶାଇ ପ୍ରାୟ ୨୬ ହଜାର ପଦବୀ ପୂରଣ କରାଯିବ। ଡିଜିପି ଆଶା ପ୍ରକାଶ କରିଛନ୍ତି ଯେ, ଖୁବଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ଏବଂ ସମସ୍ତ ଖାଲି ପଦବୀ ପୂରଣ କରାଯିବ। ଏହା ଦ୍ୱାରା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଆହୁରି ମଜବୁତ ହେବ ଏବଂ ପୋଲିସ କର୍ମଚାରୀଙ୍କ ଉପରେ ଥିବା କାର୍ଯ୍ୟଭାର ମଧ୍ୟ କମିବ। ଏହି ଅବସରରେ ଡିଜିପି ଇନ୍ସପେକ୍ଟର ବ୍ୟୁଟି ମହାନ୍ତିଙ୍କ ମୃତ୍ୟୁ ମାମଲାର ତଦନ୍ତ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାମଲାର ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ମିଳିବା ପରେ ତାହା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ। ଆଇପିଏସ୍ ଅଧିକାରୀ ଜଗମୋହନ ମୀନାଙ୍କ ଇସ୍ତଫା ସମ୍ପର୍କରେ ମଧ୍ୟ ଡିଜିପି ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଇସ୍ତଫା ଦେବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଏହାକୁ ଗ୍ରହଣ କରିବା ପାଇଁ ସେ ଅନେକ ଥର ଅନୁରୋଧ କରିଥିବା ଡିଜିପି କହିଛନ୍ତି।

## ମତ୍ସ୍ୟଚାଷ ଓ ଜଳଜୀବ ପାଳନ ବିକାଶ ଯୋଜନାର ସମୀକ୍ଷା

**ଭୁବନେଶ୍ୱର,୧୨।୭ (ମହାଭାରତ):** ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ୮ ଜୁଲାଇ ୨୦୨୬ରେ ଓଡ଼ିଶାର ଭୁବନେଶ୍ୱରଠାରେ 'ଓଡ଼ିଶାରେ ମତ୍ସ୍ୟ ଏବଂ ଜଳଜୀବ ପାଳନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂହ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମତ୍ସ୍ୟପାଳନ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହା ସହିତ ଭାରତ ସରକାରଙ୍କ ମତ୍ସ୍ୟଚାଷ ବିଭାଗ, ଓଡ଼ିଶା ରାଜ୍ୟ ମତ୍ସ୍ୟଚାଷ ବିଭାଗ, ଜାତୀୟ ମତ୍ସ୍ୟଚାଷ ବିକାଶ ବୋର୍ଡ , ଆଇସିଏଆର ପ୍ରତିଷ୍ଠାନ ସମୂହ, ଏନସିଡିସିର ଅଧିକାରୀବୃନ୍ଦ ଏବଂ ପାରାଦୀପ ପୋର୍ଟ ଟ୍ରଷ୍ଟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ।

ଏହି ବୈଠକ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଓଡ଼ିଶାର ପ୍ରଶଂସା କରି କହିଛନ୍ତି ଯେ, ବିବିଧ ପ୍ରକାରର ମଧୁର ଜଳ, ଲୁଣା ଜଳ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ନେଇ ଓଡ଼ିଶା ଏକ ପ୍ରମୁଖ ମତ୍ସ୍ୟପାଳନ କେନ୍ଦ୍ର ଭାବେ ଉଭା ହୋଇଛି। ରାଜ୍ୟରେ ୨୦୨୫-୨୬ ବର୍ଷରେ ୧୨.୭୦ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି। ଏହି କ୍ଷେତ୍ର ପ୍ରାୟ ୧୬ ଲକ୍ଷରୁ ଅଧିକ ମତ୍ସ୍ୟଜୀବୀଙ୍କୁ ଜୀବିକା ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ୫,୪୨୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ସମ୍ଭବ ହୋଇପାରିଛି।

ସେ କହିଥିଲେ ଯେ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା' ଅଧୀନରେ ଓଡ଼ିଶାକୁ ବ୍ୟାପକ ସହାୟତା ମିଳିଛି। ଏଥିରେ ୧,୩୦୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହା ମାଛ ଉତ୍ପାଦନ ବୃଦ୍ଧି, ଭିତ୍ତିଭୂମି ବିକାଶ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ମତ୍ସ୍ୟଜୀବୀଙ୍କ କଲ୍ୟାଣ ଏବଂ ଅମଳ ପରବର୍ତ୍ତୀ ସୁବିଧା ସୁଯୋଗ କ୍ଷେତ୍ରକୁ ସାମିଲ କରୁଛି। କେନ୍ଦ୍ରମନ୍ତ୍ରୀ ଓଡ଼ିଶା ସରକାରଙ୍କୁ ମତ୍ସ୍ୟପାଳନର ମୂଲ୍ୟଶୃଙ୍ଖଳକୁ ଅଧିକ ମଜବୁତ କରିବାକୁ ଏବଂ ମତ୍ସ୍ୟଜୀବୀ, ମାଛ ଚାଷୀ, ରପ୍ତାନିକାରୀ, ସମବାୟ ସମିତି, ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ରପ୍ତାନିର ଅପୂର୍ଣ୍ଣ ସମ୍ଭାବନାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି। ଏହା ସହିତ ସେ ଦକ୍ଷତା ବୃଦ୍ଧି, ଆଧୁନିକ ପ୍ରକ୍ରିୟାକରଣ ଜରିଆରେ ମୂଲ୍ୟ ସଂଯୋଜନକୁ ପ୍ରୋତ୍ସାହନ ଏବଂ ବଜାରରେ ପ୍ରତିଯୋଗିତା ମନୋଭାବ ବଢ଼ାଇବା ସହ ରପ୍ତାନିର ସୁଯୋଗ ସୃଷ୍ଟି କରିବା ଏବଂ ମତ୍ସ୍ୟ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ମାଛର ପ୍ରଜାତି ଓ ମତ୍ସ୍ୟଜାତ ଦ୍ରବ୍ୟରେ ବିବିଧତା ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗର ସଚିବ (ମତ୍ସ୍ୟପାଳନ) ଡକ୍ଟର ଅଭିଲକ୍ଷ ଲିଖି ମତ୍ସ୍ୟପାଳନ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବକୁ ବହୁଗୁଣିତ କରିବା ପାଇଁ କେନ୍ଦ୍ରୀୟ ଯୋଜନା, ରାଜ୍ୟର ବିଭିନ୍ନ ପଦକ୍ଷେପ, ଆର୍ଥିକ ଅନୁଷ୍ଠାନ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଏକ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଶାରେ ମତ୍ସ୍ୟପାଳନ କ୍ଷେତ୍ରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସମୟାନୁବର୍ତ୍ତୀ ପ୍ରକଳ୍ପ ରୂପାୟନ, ପରିଣାମ-ଆଧାରିତ ଅନୁଧ୍ୟାନ ଏବଂ ନବସୃଜନ, ସ୍ଥିରତା ଓ ଅନୁଷ୍ଠାନିକ ସୁଦୃଢ଼ୀକରଣ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି ସମୀକ୍ଷା ବୈଠକର ପ୍ରାରମ୍ଭରେ ଏନଏଫଡିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ସେ ଓଡ଼ିଶାରେ ଜୀବିକା ନିର୍ବାହ, ପୋଷଣ ନିରାପତ୍ତା ଏବଂ ରପ୍ତାନି ବୃଦ୍ଧି କ୍ଷେତ୍ରରେ ମତ୍ସ୍ୟଚାଷ ଓ ଜଳଜୀବପାଳନର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଏହାପରେ ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗର ଯୁଗ୍ମ ସଚିବ ଡକ୍ଟର ସୁରଭି ରାୟଙ୍କ ଦ୍ୱାରା ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା।

## ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର,୧୨।୭ (ମହାଭାରତ):** ଲୋକସେବା ଭବନ ସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି। ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ



ବ୍ୟାପକ ଯାଂଚ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଂଚ ଦଳ ମାଧ୍ୟମରେ ଏହି ଯାଂଚ କରାଯିବ। ଏଥିସହ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ମଧ୍ୟ ଏହି ଯାଂଚ ଦଳର ସଦସ୍ୟ ଭାବେ ସାମିଲ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଯାଂଚ ରିପୋର୍ଟ ମେଡିକାଲ୍ ଶିକ୍ଷା ଓ ପ୍ରଶିକ୍ଷଣ (ଡିଏମଇଟି), ଓଡ଼ିଶାଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କୌଣସି ପ୍ରକାରର ଅନିୟମିତତା ଦେଖାଗଲେ, ସେହି ତ୍ରୁଟିପୂର୍ଣ୍ଣ ଅନୁଷ୍ଠାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷା ଦିନ ଏବଂ ରଥଯାତ୍ରା ସମୟରେ ଜଳବାହିତ ଓ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢୁଥିବାରୁ 'ଷ୍ଟପ୍ ଡାଇରିଆ କ୍ୟାମ୍ପେନ' ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ଓ ପଂଚାୟତିରାଜ ବିଭାଗର ମିଳିତ ସହଯୋଗରେ ଡାଇରିଆ, ଡେଙ୍ଗୁ, ଚିକେନଗୁନିଆ, ମ୍ୟାଲେରିଆ ଆଦି ସମ୍ବନ୍ଧରେ ବ୍ୟାପକ ଜନ ସଚେତନତା ବିଷୟରେ ସମୀକ୍ଷା କରିଥିଲେ । ଚଳିତ ବର୍ଷ ଜୁନ୍ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଚେତନତା ଅଭିଯାନ ଜରିଆରେ ପାନୀୟ ଜଳର ଉତ୍ସଗୁଡ଼ିକୁ ବିଶୋଧନ କରିବା ସହ ତୃଣମୂଳ ସ୍ତରରେ ଆଶା ଦିଦି ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଜିଙ୍କ୍ ବଟିକା ଓ ଓ.ଆର.ଏସ ବଂଟନ କରି ଲୋକଙ୍କୁ ସତର୍କ କରାଉଛନ୍ତି । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥି ଏସ., ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

## ଜନଜାତି ଗବେଷଣା ପ୍ରତିଷ୍ଠାନ ସଶକ୍ତୀକରଣ କର୍ମଶାଳା

**ଭୁବନେଶ୍ୱର,୧୨।୭ (ମହାଭାରତ):** ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର ସଶକ୍ତୀକରଣ ନେଇ ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳା ଭୁବନେଶ୍ୱର ଘୋଷଣାନାମା ଗ୍ରହଣ ସହ ଉଦ୍‌ଯାପିତ ହୋଇଛି। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ଦେଶର ଜନଜାତି ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ଜନଜାତି କଲ୍ୟାଣ ବିଭାଗ, ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା ଓ ବିଭିନ୍ନ କ୍ଷେତ୍ରର ପ୍ରାୟ ୨୦୦ ଜଣ ପ୍ରତିନିଧି ଯୋଗଦେଇଥିଲେ। ଏହି ଘୋଷଣାନାମାରେ ଜନଜାତି ଜ୍ଞାନ, ଗବେଷଣା, ନବସୃଜନ, ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରମାଣ ଆଧାରିତ ନୀତି ନିର୍ଦ୍ଧାରଣକୁ ଆହୁରି ସୁଦୃଢ଼ କରିବା ପାଇଁ ଜାତୀୟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହା ଦେଶର ଜନଜାତି ବିକାଶ ଓ "ବିକଶିତ ଭାରତ ୨୦୪୭" ଲକ୍ଷ୍ୟ ପୂରଣ ଦିଗରେ ଏକ ମାଇଲଖୁଂଟ ବୋଲି କୁହାଯାଇଛି।

କର୍ମଶାଳାରେ ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଜ୍ଞାନ ଓ ସାଂସ୍କୃତିକ ସମ୍ବଳ କେନ୍ଦ୍ରରେ ପରିଣତ କରିବା, ଜନଜାତି ବିକାଶ ପାଇଁ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହନ, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଅନୁଷ୍ଠାନିକ ସଶକ୍ତୀକରଣ ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା କହିଥିଲେ ଯେ, ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକ ହେଉଛି ଜନଜାତି ସମ୍ପ୍ରଦାୟର ସ୍ୱର। ଉଚ୍ଚମାନର ଗବେଷଣା ଓ ସମ୍ପ୍ରଦାୟର ଆବଶ୍ୟକତା ଆଧାରରେ ଏହି ସଂସ୍ଥାଗୁଡ଼ିକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଜ୍ଞାନ ସଂସ୍ଥା ସହ ସମନ୍ୱୟ ବଢ଼ାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜନଜାତି ଗବେଷଣା, ଜ୍ଞାନ ସୃଷ୍ଟି ଓ ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାତଟି ଶ୍ରେଷ୍ଠ ଜନଜାତି ଗବେଷଣା ପ୍ରତିଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଛତିଶଗଡ଼, ଓଡ଼ିଶା, ତ୍ରିପୁରା, ମହାରାଷ୍ଟ୍ର, କେରଳ, ତେଲେଙ୍ଗାନା ଓ ଝାଡ଼ଖଣ୍ଡର ଜନଜାତି ଗବେଷଣା ପ୍ରତିଷ୍ଠାନ ସାମିଲ ରହିଛି। ସମାପନୀ ଅଧିବେଶନରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ଅନନ୍ତ ପ୍ରକାଶ ପାଣ୍ଡେ କହିଥିଲେ ଯେ, ଏହି କର୍ମଶାଳାରୁ ମିଳିଥିବା ପରାମର୍ଶ ଓ ଭୁବନେଶ୍ୱର ଘୋଷଣାନାମା ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକର କ୍ଷମତା ବୃଦ୍ଧି, ଉନ୍ନତ ଗବେଷଣା ଓ ପ୍ରଯୁକ୍ତିର ସମନ୍ୱୟ ପାଇଁ ଏକ ସ୍ପଷ୍ଟ ଦିଗ ଦେଖାଇବ।

## ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର

**ଭୁବନେଶ୍ୱର,୧୨।୭ (ମହାଭାରତ):** ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦର ଚୂଡ଼ାନ୍ତ କରିବ ।ଏଥିପାଇଁ ରାଜ୍ୟ ସରକାର ନୂଆ ଏସ୍ଓପି ଜାରି କରିଛନ୍ତି। ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସିମେଂଟ ଓ ଷ୍ଟିଲ୍ ଦର ନିର୍ଦ୍ଧାରଣକୁ ନେଇ ଏଣିକି ଏକକ ବ୍ୟବସ୍ଥା ଲାଗୁ ହେବ। ଜିଲ୍ଲାଭିତିକ ଭାବେ ସିମେଂଟ ଓ ଷ୍ଟିଲ୍ ଦର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍ଓପି) ଜାରି କରିଛନ୍ତି। ଏହି ବ୍ୟବସ୍ଥା ଲାଗୁ ହେଲେ ଦର ନିର୍ଦ୍ଧାରଣରେ ସ୍ୱଚ୍ଛତା ଆସିବା ସହ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ କମିବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହେବ। ସିଡିଓ-କମ୍-ଇଓ ସଦସ୍ୟ ସଂଯୋଜକ ରହିବେ। ଏହାଛଡ଼ା ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ (ବୈଷୟିକ), ରାସ୍ତା ଓ କୋଠାବାଡ଼ି କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଅଧୀକ୍ଷଣ କିମ୍ବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଦୁଇଜଣ ବିଡିଓ ଏବଂ ଦୁଇଜଣ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କମିଟିର ସଦସ୍ୟ ରହିବେ। ଏହି କମିଟି ପ୍ରତି ତିନି ମାସରେ ସିମେଂଟ ଓ ଷ୍ଟିଲ୍ ଦର ଚୂଡ଼ାନ୍ତ କରିବ। ସିମେଂଟ ଦର ନିର୍ଦ୍ଧାରଣ ପାଇଁ ଜିଲ୍ଲା ପରିଷଦ ଓଡ଼ିଶାରେ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକଠାରୁ ସିଧାସଳଖ ଦରପତ୍ର ସଂଗ୍ରହ କରିବ। ଅତି କମ୍ ରେ ତିନିଟି କମ୍ପାନିର କାରଖାନା ଦରର ହାରାହାରି ଆଧାରରେ ଚୂଡ଼ାନ୍ତ ଦର ସ୍ଥିର ହେବ। ଷ୍ଟିଲ୍ କ୍ଷେତ୍ରରେ ଏସଏଆଇଏଲର ଦରକୁ ପ୍ରାଥମିକତା ଦିଆଯିବ। ଏସଏଆଇଏଲର ଷ୍ଟିଲ୍ ଉପଲବ୍ଧ ନ ଥିଲେ ପୂର୍ତ୍ତ ବିଭାଗ ଅନୁମୋଦିତ ଅନ୍ୟ କମ୍ପାନିର ଦର ବିଚାରକୁ ନିଆଯିବ। ବିଆଇଏସ୍ ମାନକ ଅନୁଯାୟୀ ଷ୍ଟିଲ୍ ବ୍ୟବହାର କରିବା, ଆବଶ୍ୟକସ୍ଥଳେ ସ୍ୱାଧୀନ ପରୀକ୍ଷା କରିବା ଏବଂ କେବଳ ବିଶ୍ୱସନୀୟ ଇଂଟିଗ୍ରେଟେଡ୍ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥାଠାରୁ କ୍ରୟ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିବର୍ଷ ଏପ୍ରିଲ, ଜୁଲାଇ, ଅକ୍ଟୋବର ଓ ଜାନୁଆରିର ପ୍ରଥମ ଦିନ ସୁଦ୍ଧା ଚୂଡ଼ାନ୍ତ ଦର, ବୈଠକ କାର୍ଯ୍ୟବିବରଣୀ, ଦରପତ୍ର ପିପିଏମଏସ୍ ରେ ଅପଲୋଡ୍ କରି ବିଭାଗକୁ ପଠାଇବାକୁ ପଡ଼ିବ।

## ଅପରାଧୀମାନେ ବିଜେପି ଛତ୍ରଛାୟାରେ ଥିବାରୁ ପୋଲିସ୍ ଗିରଫ କରୁନି

**ଭୁବନେଶ୍ୱର,୧୨।୭ (ମହାଭାରତ):** ଓଡ଼ିଶାର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ବିଜେପି ସରକାର ପାଇଁ ନିନ୍ଦିତ । ଅଣଛାତ୍ର ମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଗଣ୍ଡଗୋଳ କରିବା ସହ ଛାତ୍ରୀମାନଙ୍କୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଧମକ ଦେଲେ । ମହିଳା ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ବିଜେପିର ଦୋମୁହାଁ ନୀତି ଆଜି ପଦାରେ ପଡ଼ିଛି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଅଣଛାତ୍ର ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଡ. ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କିଛି ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ଗଣ୍ଡଗୋଳ କରିଛନ୍ତି । କିଛି ପୁରୁଷ ଅଣଛାତ୍ର, ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମାନଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଛନ୍ତି । ଯାହା ଲାଗୁଛି ପୁଣିଥରେ ସୌମ୍ୟାଶ୍ରୀ ଘଟଣାର ପୁନରାବୃତ୍ତି ହେବାକୁ ଯାଉଛି । ନ୍ୟାୟ ନପାଇ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବର୍ଷକ ପୂର୍ବେ ଆତ୍ମହତ୍ୟା କରିଥିଲେ। ଏବିଭିପି ଓ ଅଶୈକ୍ଷିକ ପରିବେଶ ପାଇଁ ସେ ନ୍ୟାୟ ନପାଇ ଆତ୍ମାହୁତି ଦେଇଥିଲେ । ବାଲେଶ୍ୱର ସାଂସଦ ଓ ବିଧାୟକ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବାରୁ ବିଜେପି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ । ସୌମ୍ୟାଶ୍ରୀ ବିଶିଙ୍କ ପରିବାର ନ୍ୟାୟ ଅପେକ୍ଷାରେ ରହିଛନ୍ତି । ବିଜେପି ସରକାର ଓଡ଼ିଶାର ଛାତ୍ର ଓ ଯୁବ ସମାଜ ପ୍ରତି ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି



। ବିଜେପି ପ୍ରୋତ୍ସାହନରେ ଏବିଭିପି ଅପରାଧିକ କାର୍ଯ୍ୟକଳାପ କରିଚାଲିଛି । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପୁରୁଷ ମାନଙ୍କୁ ପ୍ରବେଶ ନିଷେଧ ଥିବାବେଳେ ପୁରୁଷ ଅଣଛାତ୍ର କିପରି ଗଣ୍ଡଗୋଳ କରିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବିଭିପିର ୧୬ ଜଣ ଅଣଛାତ୍ର ଧାରୁଆ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପ୍ରବେଶ କରି ଗଣ୍ଡଗୋଳ କରିଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ରୀ ମାନେ ବିରୋଧ କରିବାରୁ ବଳାତ୍କାର କରି ଜୀବନରୁ ମାରିଦେବାକୁ ଛାତ୍ରୀମାନଙ୍କୁ ଧମକ ଦେଇଥିଲେ ଏବିଭିପିର ପୁରୁଷ ଅଣଛାତ୍ର । ଗଣ୍ଡଗୋଳରେ ଏବିଭିପିର ପୁରୁଷ ଅଣଛାତ୍ର ମାନଙ୍କ ସମ୍ପୃକ୍ତି ଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାମଲା ଦାୟର ହେଲା ନାହିଁ । ରମାଦେବୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବିଭିପି ପ୍ରତି କୋହଳ ମନୋଭାବ ପୋଷଣ କରୁଛନ୍ତି । ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଏବିଭିପିର ଜାତୀୟ କନଫରେନ୍ସକୁ ଅତିଥି ହୋଇ ଯାଇଥିଲେ । ଯେଉଁଥିପାଇଁ ଏବିଭିପି ଆଜି ଏପରି କାଣ୍ଡ ଭିଆଇବାକୁ ସାହାସ ପାଇଲା । ଏପରି ଏକ ସମ୍ବେଦନଶୀଳ ଘଟଣାରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ନିନ୍ଦନୀୟ । ଇପ୍ସୀତା ସାହୁ କହିଥିଲେ ଯେ, ମହିଳା ସୁରକ୍ଷାକୁ ନେଇ ଡିଣ୍ଡିମ୍ ପିଟୁଥିବା ବିଜେପି ସରକାର ବାସ୍ତବରେ ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ । ଯାହା ରମାଦେବୀ ବିଶ୍ୱବିଦ୍ୟାଳୟ ଗଣ୍ଡଗୋଳ ଘଟଣାରୁ ସ୍ପଷ୍ଟ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହିଳା ମାନଙ୍କ ପାଇଁ ଓଡ଼ିଶାରେ ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେହି ବିଶ୍ୱବିଦ୍ୟାଳୟର ଗାରିମାକୁ କ୍ଷୁର୍ଣ୍ଣ କରିବାରେ ଲାଗିଛି ବିଜେପି ।

# ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ

ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି । କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ । ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି । କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି । ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ । କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା । କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି । ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି । ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି । ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି । କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି । କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ । ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା । ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ । ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି । ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା । ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ । ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ । ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା । ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି । କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ । ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି । ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି । ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା । ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି । ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ । ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷେ ନୂଆ ପରିବାର ସୃଷ୍ଟି ହେଉଛି । ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି । କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

ଯକ୍ଷ୍ମା ଜୀବାଣୁ ଜନିତ ରୋଗ । ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ । ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ । ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ । କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ । ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ । ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ । ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ । ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ । ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ । ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ । ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ । ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ । ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଅଣ୍ଟାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି । କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ । ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ । ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ । ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ । ଓଜନ ମଧ୍ୟ କମି ଯାଏ । କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ । ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ । କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ । ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ । ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ । କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ । ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ । କାରଣ ଏହା ଏକ ବାୟୁବାହିତ ରୋଗ । ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ । ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି । ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ । ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ । ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ । ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ । କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ । ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ । ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର । ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ । ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ । ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ । ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ । ଏହା ଖୁବ୍ ବିପଜ୍ଜନକ ସ୍ଥିତି । ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ । କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ । ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ । ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ । ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି । କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ । ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ । ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ । ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ । ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ରୋଗୀକୁ ମାସ୍କ ପିନ୍ଧାଇ ରଖନ୍ତୁ । ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ । କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ । କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ । ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ । ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ । ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ । ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ । ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି । ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ । ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି । ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି । ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି । ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି । ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ । ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ । ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ । କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି । ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ । ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ । ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ । କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ । ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ । କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ । ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ । କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ । ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ । ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ । କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ । ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ ।

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

**॥ ଅଜୟ କୁମାର ବେହେରା ॥**

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା । କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା । ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି । ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ । ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି ।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ । ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ । ବିଷ ହିଁ ସାଂସାରିକ ଜୀବନରେ ଜ୍ୱଳା ଦିଏ । ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ । ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଛନ୍ନ ପରେ କରାଏ । ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି । ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ । ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ । ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ । ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ । କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି । ପରେ କଳାମୟ ଯୌବନ ଭୋଗ ହୋଇପାରେ । ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି । ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ । ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି । ଏହା ଧର୍ମଜ୍ଞାନ ହରାସ୍ଥିତି । ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ । ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ । କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା । ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୂ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି । ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି । ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି । ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ । ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପୁ୍ୟଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା । ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି । ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି । ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ । କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

**॥ ଅଭୟ କୁମାର ଦାସ ॥**

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ । ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା । ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି । ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ । ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା । ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ । ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର । ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ । ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ । ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ । ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା । ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା । କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି । ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ । ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ । ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା । ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ । ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି । ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ । ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ । ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ । ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

**ଦୂରଭାଷ : ୯୪୩୭୧୪୨୭୧୭**

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ପାରାଦୀପରେ ଏଏସପି ଭାବେ ଅଜିଂକ୍ୟ ମାଣେ ଙ୍କ ଯୋଗଦାନ ପରେ ଅପରାଧ ନିୟନ୍ତ୍ରଣରେ : ଅସାମାଜିକଙ୍କ ମଧ୍ୟରେ କୋକୁଆ ଭୟ

ପାରାଦୀପ, (ମହାଭାରତ) : ଶାନ୍ତ ପାରାଦୀପରେ ଦୀର୍ଘ ବର୍ଷ ହେବ ଅଶାନ୍ତ ର ବାତାବରଣ ଲାଗିରହିବା ଏବଂ କିଛି ଅସାମାଜିକ ବ୍ୟକ୍ତି ନିଜ ସ୍ୱାର୍ଥ ଚରିତାର୍ଥ ପାଇଁ ବିଭିନ୍ନ



ଅପରାଧ କ କାର୍ଯ୍ୟ କରି ସ୍ଥାନୀୟ ନିରୀହ ଯୁବକ ମାନଙ୍କ ନାମରେ ମିଥ୍ୟା ଅଭିଯୋଗ ଲଗା । ଇ ସେମାନଙ୍କୁ ଜେଲ ପଠାଇବା ଦୃଷ୍ଟାନ୍ତ ରହିଛି । ତେବେ ଡବଲ ଇଞ୍ଜିନ ସରକାର ଆସିବା ପରେ ଏବଂ ପାରାଦୀପରେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) ଅଜିଂକ୍ୟ ବାବୁରାଓ ମାଣେ ଙ୍କ ଯୋଗଦାନ ପରେ ସ୍ଥିତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି । ଗତ ମେ ୩୦ ତାରିଖରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଙ୍କ ଘର ଉପରକୁ ପେଟ୍ରୋଲ ବୋମା ମାଡ଼ ଘଟଣାରେ ପୋଲିସ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଆସାମୀ ଜ୍ୟୋତିକାନ୍ତ ପରିଡା ଓରଫ ବାପୁ ପରିଡା ଫେରାର ହୋଇଯାଇଥିଲା । ତେବେ ଏହି ଘଟଣାରେ ଚକ୍ରାନ୍ତକାରୀ ମାନେ ନିଜେ କାଣ୍ଡ ଭିଆଇ ପୂର୍ବ ଘଟଣା ପରି ଅନ୍ୟ ମୁଣ୍ଡରେ ଅଠା ବୋଳିବାକୁ ବସିଥିଲେ । ତେବେ ଦକ୍ଷ ପୋଲିସ ଅଧିକାରୀ ଶ୍ରୀ ମାଣେ ଘଟଣାର ସଠିକ ତଦନ୍ତ କରି ପ୍ରକୃତ ଆସାମୀ କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଥିଲେ । ତାଙ୍କର କଡା ଆଭିମୁଖ୍ୟ ଯୋଗୁଁ ଶେଷରେ ବାପୁ ଥାନାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା । ଅନ୍ୟପକ୍ଷରେ ନିଜ ସପକ୍ଷରେ ମେଡିକାଲ ସାର୍ଟିଫିକେଟ ପାଇଁ ଡାକ୍ତର ଓ ସାକ୍ଷୀ ମାନଙ୍କୁ ପ୍ରଭାବିତ ଓ ଧମକ ଦେବା ନେଇ ଏଏସପି ଶ୍ରୀ ମାଣେ ବାପୁ ପରିଡା କୁ ସତର୍କ କରାଇଥିବା ଜଣାପଡିଛି। ତେବେ ଏଏସପି ମାଣେ ଙ୍କ କାର୍ଯ୍ୟ ଦକ୍ଷତା ଓ ଅପରାଧୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ଅସାମାଜିକ ଅପରାଧୀ ଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ରଥଯାତ୍ରା ପୂର୍ବରୁ ଏମ୍‌ଭି-୭୯ ବଡ଼ଦାଣ୍ଡ ମରାମତି ଦାବି, ଭକ୍ତଙ୍କ ସୁରକ୍ଷା ପ୍ରତି ଚିନ୍ତା

ଏମ୍‌ଭି-୭୯, (ମହାଭାରତ) : ମାଲକାନଗିରି ଜିଲ୍ଲାର ଏମ୍‌ଭି-୭୯ରେ ପ୍ରତିବର୍ଷ ରଥଯାତ୍ରା ବେଶ୍ ଆଡମ୍ବର ଓ ଭକ୍ତିମୟ ପରିବେଶରେ ପାଳନ କରାଯାଏ। ଏହି ରଥଯାତ୍ରାରେ ଏମ୍‌ଭି-୭୯ ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥାଏ। ରଥ ପ୍ରାୟ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ ଜାତୀୟ ରାଜପଥ ଏନ୍‌ଏଚ୍-୩୨୬ ଉପରେ ଥିବା ବଡ଼ଦାଣ୍ଡ ଦେଇ ଯାତ୍ରା କରିଥାଏ। ମାତ୍ର ବର୍ତ୍ତମାନ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ଓ ଖାଲଖମା ସୃଷ୍ଟି ହୋଇଥିବାରୁ ରଥଯାତ୍ରା ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି। ରଥ ଟାଣିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାରୁ ଏହି ଭଙ୍ଗା ରାସ୍ତା ସୁରକ୍ଷା ଦୃଷ୍ଟିରୁ ବଡ଼ ସମସ୍ୟା ସୃଷ୍ଟି କରିପାରେ।



ତେଣୁ ଜଗନ୍ନାଥପ୍ରେମୀ ଓ ଅଞ୍ଚଳବାସୀ ଯୁଦ୍ଧକାଳୀନ ଭିତ୍ତିରେ ରଥ ଚଳାଚଳ କରୁଥିବା ପ୍ରାୟ ଏକ କିଲୋମିଟର ବଡ଼ଦାଣ୍ଡର ଗର୍ତ୍ତଗୁଡ଼ିକୁ ମରାମତି କରିବା, ଅଥବା ଡଷ୍ଟ ଓ ପିଚ୍ ପ୍ୟାଚ୍‌ୱର୍କ କରି ଚଳାଚଳ ଉପଯୋଗୀ କରିବାକୁ ଦାବି କରିଛନ୍ତି। ଏନ୍‌ଏଚ୍ ବିଭାଗ କିମ୍ବା ଜିଲ୍ଲା ଓ ବ୍ଲକ ପ୍ରଶାସନ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ରାସ୍ତାର ମରାମତି କଲେ ରଥଯାତ୍ରା ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବା ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ସହାୟକ ହେବ। ଏହା ସହିତ ବର୍ଷସାରା ଏହି ରାସ୍ତା ବ୍ୟବହାର କରୁଥିବା ସାଧାରଣ ଲୋକମାନେ ମଧ୍ୟ ଉପକୃତ ହେବେ। ରଥଯାତ୍ରା ଦିନ କୌଣସି ଅଘଟଣ ନଘଟି ସମଗ୍ର କାର୍ଯ୍ୟକ୍ରମ ଶାନ୍ତି, ଶୃଙ୍ଖଳା ଓ ଭକ୍ତିପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହେଉ ବୋଲି ଭକ୍ତମହଲ ଆଶା ପ୍ରକାଶ କରିଛନ୍ତି।

## ଧସିଲା ରାସ୍ତା : ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିମ୍ନମାନର ରାସ୍ତା କାମ

ବଲାଙ୍ଗୀର, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ବିଜେପୁର ପଞ୍ଚାୟତ ଘୁଗୁରପଲା ଗ୍ରାମ ପାଖର ରାସ୍ତା ଦୁଇ ଦିନ ଧରି ହୋଇଥିବା ବର୍ଷା ପରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ନିର୍ମିତ ଏକ ରାସ୍ତାର ଅବସ୍ଥା ବେଶ ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଏକାଧିକ ସ୍ଥାନରେ ଧସ ସୃଷ୍ଟି ହୋଇଥିବା ସହ ମାଟି ଭାଟି ଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ଗୁଣାତ୍ମକ ମାନଦଣ୍ଡକୁ ଠିକ୍ ଭାବେ ପାଳନ କରାଯାଇନଥିଲା। ନିମ୍ନମାନର ସାମଗ୍ରୀ ବ୍ୟବହାର, ଆବଶ୍ୟକ ମାତ୍ରାରେ ମାଟି ଓ ମୋରମ ନ ପକାଇବା, ଏବଂ ପାଣି ନିଷ୍କାସନ ବ୍ୟବସ୍ଥାରେ ତ୍ରୁଟି ଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ରାସ୍ତା ଧସିଯାଇଛି। ଲୋକଙ୍କ କହିବା ଅନୁସାରେ, କାମ ଚାଲିଥିବା ସମୟରେ ମଧ୍ୟ ଏହି ତ୍ରୁଟି ନେଇ ଆପତ୍ତି ଉଠିଥିଲା, କିନ୍ତୁ ସେଥିପ୍ରତି



ଗୁରୁତ୍ୱ ଦିଆଯାଇନଥିଲା। ସେହି ଧସି ଯାଇ ଥିବା ମାଟି ଯାଇ ପାଖରେ ଥିବା ଚାଷୀ ମାନଙ୍କ କ୍ଷେତ ରେ ପଡି ଥିବାରୁ ଚାଷ କରି ପାରୁ ନାହାନ୍ତି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଇଞ୍ଜିନିୟରଙ୍କ ବିରୋଧରେ ଅବହେଳାର ଅଭିଯୋଗ ଉଠିଛି। ସରକାରୀ ଅର୍ଥ ବ୍ୟୟ ହୋଇଥିଲେ ମଧ୍ୟ ଗୁଣାତ୍ମକ କାମ ହୋଇନଥିବାରୁ ଏହାର ତଦନ୍ତ କରି ଯଦି କୌଣସି ଅନିୟମ କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତଙ୍କ ଠିକାଦାର ବିରୋଧରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ରାସ୍ତା ଧସିଯିବାରୁ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ, ଛାତ୍ରଛାତ୍ରୀ ଓ ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ରାସ୍ତାର ଗୁଣବତ୍ତା ଯାଞ୍ଚ, କ୍ଷତିଗ୍ରସ୍ତ ଅଂଶର ତୁରନ୍ତ ମରାମତି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଠିକାଦାର କିମ୍ବା ବିଭାଗୀୟ ଇଞ୍ଜିନିୟରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଦଶପଲ୍ଲା ଅଞ୍ଚଳରୁ ୧୨.୫ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

ଦଶପଲ୍ଲା, (ମହାଭାରତ): ବାଣିଗୋଛା ପୁଲିସକୁ ଗଞ୍ଜେଇ ଚୋରାଚାଲାଣ ବିରୋଧୀ ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। କାମିଟିପଙ୍ଗା ବସ୍ ?ଷ୍ଟପ୍ ? ନିକଟରେ ପୁଲିସ ଚଢ଼ାଉ କରି ପ୍ରାୟ ୧୨.୫ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ପଶ୍ଚିମବଙ୍ଗର ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ବର୍ଦ୍ଧମାନ ଜିଲ୍ଲାର ମଙ୍ଗଳ ଘୋଷ (୨୩) ଓ ସେକ୍ ସାବିର (୨୨)। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨.୧୫ ମିନିଟ ସମୟରେ ବାଣିଗୋଛା ଥାନା ଅ।ଇ ଅ।ଇ ସି ଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ବୀରେନ୍ଦ୍ର କୁମାର ଦେହୁରୀ ଓ ତାଙ୍କ ଟିମ୍ କାମିଟିପଙ୍ଗା ବସ୍‌ଷ୍ଟପ୍ ନିକଟରେ ଛକି



ରହିଥିଲେ। ଏହି ସମୟରେ ଦୁଇ ଯୁବକ ସନ୍ଦେହଜନକ ଭାବେ ଗଞ୍ଜେଇ ପରିବହନ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ ଜବତ ସାମଗ୍ରୀ ଗଞ୍ଜେଇ ୧୨.୫ କିଲୋଗ୍ରାମ, ନଗଦ ଅର୍ଥ ୨,୨୫୦ ଟଙ୍କା ଓ ୨ଟି ମୋବାଇଲ୍ ଫୋନ୍ । ଦଶପଲ୍ଲାର ଅତିରିକ୍ତ ତହସିଲଦାର-କମ୍-କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଏବଂ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ ଏନ୍‌ଡିପିଏସ୍ ଆଇନର ସମସ୍ତ ନିୟମ ଅନୁଯାୟୀ ଅଭିଯୁକ୍ତମାନଙ୍କର ତଲାସି ନିଆଯାଇଥିଲା। ଏହି ଘଟଣାରେ ବାଣିଗୋଛା ଥାନାରେ କେସ୍ ନଂ-୮୫/୨୦୨୬, ଏନ୍‌ଡିପିଏସ୍ ଆଇନର ଧାରା ୨୦(ବି)(୨)(ବି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ନୟାଗଡ଼ ଜିଲ୍ଲା ଓ ଦୌରା ଜଜ୍ ଅଦାଲତକୁ ଚାଲାଣ କରାଯାଇଥିବା ବେଳେ, ଏହି ଚୋରାଚାଲାଣ ର୍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବାଲିପାଟଣାରେ ବିସ୍କୁଟ ଖୋଳରେ ବିଶ

ବାଲିପାଟଣା, (ମହାଭାରତ) : ବାଲିପାଟଣା ଥାନା ପୁଲିସ ଆଜି ବିପୁଳ ପରିମାଣର ସମୟ ଅବଧି ସରିଯାଇଥିବା ନକଲି ବିସ୍କୁଟ ଜବତ କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଓ ତାଙ୍କ ପୁଅ ଙ୍କ ସହିତ ୩ଜଣଙ୍କୁ ହେପାଜତକୁ ନେଇଛି। ବର୍ଷ ବର୍ଷ ହେଲା ଏହି କଳାବଜାରୀ କାର୍ଯ୍ୟ ଲୁଚା ଛପାରେ ଚାଲିଥିଲା। ଆଜି ଟ୍ରକରୁ ବିସ୍କୁଟ ଖାଲି ହେବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ବେପାରୀ ଏବଂ ଟ୍ରକ ଚାଳକ ଗାଡ଼ି ନେଇ ଏକ ଅପରିତ୍ୟକ୍ତ ସ୍ଥାନକୁ ନେଇ ଯାଇଥିଲେ। ଗାଡ଼ିକୁ ପିଛା କରି ମଧୁବନ ଇଟା ଭାଟି ରାସ୍ତାରେ ଧରିଥିଲେ।ସୂଚନା ଅନୁସାରେ ସରଦେଇପୁର ନିମାପଡା ରାସ୍ତାର ବାଲିପାଟଣା ଛକ ନିକଟରେ ଥିବା କୃଷ୍ଣ ଚନ୍ଦ୍ର ସାହୁ ରହୁଛନ୍ତି। ସେ ଦୀର୍ଘ ବର୍ଷ ହେଲା ବିଭିନ୍ନ ବ୍ୟବସାୟ କରୁଥିଲେ। କିଛି ବର୍ଷ ହେଲା ସମୟ ଅବଧି ନ ଥିବା ବିସ୍କୁଟ ଆଣି ଘରେ ଗଚ୍ଛିତ ରଖି ଏହାକୁ ନୂଆ ପ୍ୟାକିଙ୍ଗ କରି ବଜାରରେ ବିକ୍ରି କରୁଥିଲେ। କୃଷ୍ଣଚନ୍ଦ୍ର ପେଶାରେ ଜଣେ ନକଲି ବ୍ୟବସାୟୀ ହୋଇ ଥିବା ବେଳେ ତାଙ୍କ ଧର୍ମପତ୍ନୀ ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ! ଆଜି ସକାଳୁ ଆଇଚର ଟ୍ରକ ନଂ ଓଡି ୦୨ ବିଟି ୨୫୮୭ ରେ ବିଭିନ୍ନ କମ୍ପାନୀ ବିସ୍କୁଟ କୃଷ୍ଣଙ୍କ ଘରେ ଖାଲି କରୁଥିଲେ। କୃଷ୍ଣ ଚନ୍ଦ୍ର ସାହୁ ଏହାର ମୁଖ୍ୟ କାର୍ଯଟାଦାର ଥିବା ଜଣା ପଡ଼ିଛି। କୃଷ୍ଣଙ୍କ ଘରେ ବିସ୍କୁଟ ପେଟି ଖାଲି ହେଉଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରକୁ ଆସିଥିଲା ।ବିସ୍କୁଟ ଗୁଡ଼ିକରେ ଦାମୀ କମ୍ପାନି ଲୋଗୋ ଅଧିକ ଖୋଳତାଡ଼ ପରେ ୨୦୨୧/୨୨ ମସିହାରୁ ତାରିଖ ସରି ଯାଇଥିବା ବିସ୍କୁଟକୁ ନୂଆ ପ୍ୟାକିଙ୍ଗ କରି ସ୍ଥାନୀୟ ବଜାରମାନଙ୍କରେ ବିକ୍ରି କରୁଥିବା ଜଣା ପଡିଛି। ପୁଲିସ ଆସିବା ଶୁଣି କୃଷ୍ଣ ବିସ୍କୁଟ ବୋଝେଇ ଟ୍ରକକୁ ଫେରାର କରିବାକୁ ଉଦ୍ୟମ କରି ଗାରେଡିପାଞ୍ଚଣ ନିକଟରେ ଥିବା ଇଟା ଭାଟି ରାସ୍ତାର ଏକ ଜଙ୍ଗଲ ଭିତରେ ପକାଇ ଦେଇଥିଲେ। ଏହି ବିସ୍କୁଟଗୁଡ଼ିକ ବିଭିନ୍ନ ଦାମୀରେ କମ୍ପାନିର ଲୋଗୋ ଅଛି। ବିସ୍କୁଟ ମୂଲ୍ୟ ମଧ୍ୟ ଅଧିକ ଥିବା ଦେଖିବାକୁ ମିଳିଛି। ପୁଲିସ ଉକ୍ତ ଟ୍ରକକୁ ଜବତ କରିବା ସହ କୃଷ୍ଣ , ଗାଡି ଡ୍ରାଇଭର ଏବଂ ହେଲପେରକୁ ଥାନାରେ ଅଟକ ରଖିଛି। କୃଷ୍ଣଙ୍କ ବାଇକ ନଂ ଓଆର ୦୨ ବିଟି ୬୬୩୬କୁ ପୁଲିସ ଜବତ କରିଛି। ଧରା ପଡ଼ିବା ପରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଏହା ମାଛ ଙ୍କୁ ଖାଇ ବାକୁ ଦିଆଯିବ ବୋଲି ଯୁକ୍ତି କରିଥିଲେ ! ସବୁଠାରୁ ବଡ଼ କଥା ହେଉଚି ଏତେ ବଡ଼ ସମ୍ବେଦନ ଶୀଳ ଘଟଣା ରେ ଯୋଗାଣ ଅଧିକାରୀ ଖବର ପାଇ ଘଟଣା ସ୍ଥଳ କୁ ନଯିବା ଓ ବାହାରେ ଅଛି ଫୁଡ୍ ସେଫ୍‌ଟି ବାଲା ଏହାର ତଦାରଖ କରିବେ କହି ଘଟଣା କୁ ଏଡ଼ାଇ ଯିବା ସାଧାରଣ ରେ ଅନେକ ପ୍ରଶ୍ନବାଚି ସୃଷ୍ଟି କରିଛି !

## ରାଇଘରରେ ସାମ୍ବାଦିକ ପରିଚୟ ଦେଇ ଚାନ୍ଦା ଆଦାୟ ଅଭିଯୋଗ: ପ୍ରକୃତ ସାମ୍ବାଦିକଙ୍କ ଛବି ଉପରେ ପଡୁଛି ପ୍ରଭାବ, ପ୍ରଶାସନୀୟ ତଦନ୍ତ ଦାବି

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ କିଛି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଇ ବିଭିନ୍ନ ବ୍ୟବସାୟୀ, ଦୋକାନୀ ଓ ସାଧାରଣ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ମଧ୍ୟ ପ୍ରକାଶ ପାଉଛି ।ସ୍ଥାନୀୟ ମହଲର କହିବା ଅନୁସାରେ, କିଛି ଅସାମାଜିକ ବ୍ୟକ୍ତି ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଭୟଭୀତ କରିବା ସହ ଟଙ୍କା ଦେବା ପାଇଁ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ସେମାନେ ଖବର ପ୍ରକାଶ କରିବାର ଭୟ ଦେଖାଇ ଅର୍ଥ ଆଦାୟ କରିବାକୁ ଚେଷ୍ଟା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଭାବେ ପୁଷ୍ଟି ହୋଇନାହିଁ। ପ୍ରକୃତ ସାମ୍ବାଦିକମାନେ ସମାଜର ସମସ୍ୟାକୁ ଲୋକଲୋଚନକୁ ଆଣିବା ଓ ଜନସାଧାରଣଙ୍କ ସ୍ୱରକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ କାମ କରୁଥିବାବେଳେ, କିଛି ଅସାଧୁ ବ୍ୟକ୍ତିଙ୍କ ଏପରି ଆଚରଣ ଯୋଗୁଁ ସମଗ୍ର ସାମ୍ବାଦିକ ସମାଜ ବଦନାମ ହେଉଥିବା ବୋଲି ଅନେକ ପ୍ରକୃତ ସାମ୍ବାଦିକ ମତ ପ୍ରକାଶ କରୁଛନ୍ତି ।ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ କହିବା ଅନୁସାରେ, ଯେଉଁ ବ୍ୟକ୍ତି ପ୍ରକୃତରେ କୌଣସି ଗଣମାଧ୍ୟମ ସହିତ ଜଡ଼ିତ ନୁହନ୍ତି, ସେମାନେ ସାମ୍ବାଦିକ ପରିଚୟ ଦେଇ ସମାଜରେ ଭ୍ରମ ସୃଷ୍ଟି କରୁଥିବା ବ୍ୟକ୍ତି କୁ ।ସେମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏପରି ଘଟଣା ଉପରେ ଅଙ୍କୁଶ ନ ଲାଗିଲେ ସାଧାରଣ ଲୋକଙ୍କ ବିଶ୍ୱାସ ଗଣମାଧ୍ୟମ ଉପରୁ କମିଯିବାର ଆଶଙ୍କା ରହିଛି ।ଅନେକ ସଚେତନ ନାଗରିକ ପ୍ରଶାସନଙ୍କୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହିତ, ପ୍ରକୃତ ଦୋଷୀ ଚିହ୍ନଟ ହେଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ କୌଣସି ବ୍ୟକ୍ତି ସାମ୍ବାଦିକ ପରିଚୟ ଦେଲେ, ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିବା ଏବଂ କୌଣସି ପ୍ରକାରର ଅବୈଧ ଅର୍ଥ ଦାବି ହେଲେ ତୁରନ୍ତ ସ୍ଥାନୀୟ ପୁଲିସ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି।

## ନଦୀ ବନ୍ଧ କଟାକୁ ନେଇ ସ୍ଥାନୀୟ ଲୋକ ଆତଙ୍କୀତ

ଅସ୍ତରଙ୍ଗ, (ମହାଭାରତ) : କାକଟପୁର ଜଳସମ୍ପଦ ବିଭାଗ ଅଧୀନରେ ଥିବା ସବୁଠାରୁ ସମ୍ବେଦନଶୀଳ ବନ୍ଧ ଦେବୀ ନଦୀ ବନ୍ଧ। କିନ୍ତୁ ଅସ୍ତରଙ୍ଗ ନଗର ପଞ୍ଚାୟତ ବାଲିଡିହା ଠାରେ ଥିବା ନଦୀ ବନ୍ଧରେ ବର୍ଷା ଜଳ ନିଷ୍କାସନ ପାଇଁ ଏକ କଲଭଟ ନିର୍ମାଣ ହେବା ପାଇଁ ଜଳସମ୍ପଦ ବିଭାଗ ର ଟେଣ୍ଡର କ୍ରମେ ଜନୈକ ଠିକା ସଂସ୍ଥା ଦୀର୍ଘ ୨୫ ଦିନ ହେଲା ବନ୍ଧକୁ କାଟି ଖୋଳି କିଛି କାମ ନ କରି ଛାଡି ଚାଲିଯାଇଥିବା ରୁ ଏହି ବନ୍ଧ ରାସ୍ତାରେ ନିର୍ଭରଶୀଳ ହଜାର ହଜାର ହଜାର ଲୋକେ ଯାତାୟତ ପାଇଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ।ଅନ୍ୟ ପଟେ ହୀରାକୁଦ ରୁ ପ୍ରଥମ ବନ୍ୟାଜଳ ଛଡ଼ାଯିବା ପରେ ବନ୍ଧ ମୁକୁଳା ଯୋଗୁଁ କୃତ୍ରିମ ବନ୍ୟା ଆଶଙ୍କାରେ ଏହି ନଦୀ ଆବାହିକା ର ବାସିନ୍ଦା ଏତେ ଭୟଭୀତ ଅବସ୍ଥାରେ ଅଛନ୍ତି ତାହା ନକହିବା ଭଲ ।ବନ୍ୟା



ସମୟରେ ସରକାର ପ୍ରାଶାସନିକ ଅଧିକାରୀ ମାନଙ୍କୁ ନଦୀବନ୍ଧ ତଦାରଖ କରିବାକୁ ବା ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ କିନ୍ତୁ ଅସ୍ତରଙ୍ଗ ବ୍ଲକ୍ ରେ ଦେଖିବାକୁ ମିଳିଛି ଓଲଟା ଦୃଶ୍ୟ ଜୁନ ମାସରେ ଖୋଲା ହେଉଛି ଦେବିନଦୀ ବନ୍ଧ ।ଗ୍ରାମ ବାସୀଙ୍କ ଅଭିଯୋଗ ଅନୁସାରେ ବନ୍ୟା ସ୍ଥିତି କୁ ନଜର ରେ ରଖି ତୁରନ୍ତ ମରାମତି ନ କରାଗଲେ ବନ୍ୟା ଜଳ ଗାଁ ଭିତରେ ପଶି ଭାସିଯିବେ ଶହ ଶହ ପରିବାର। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିବାରୁ ସେ ସୂଚନା ଦେଲେ କି ସ୍ଥାନୀୟ ବିଧାୟକ ଙ୍କ କହିବା ଅନୁସାରେ ଗାଁ ର ବର୍ଷା ପାଣି ନିଷ୍କାସନ ହେବାପାଇଁ ସେଠାରେ ଏକ ଶୋଠ ନିର୍ମାଣ ପାଇଁ ବନ୍ଧ ଖୋଳା ଯାଇଥିଲା କିନ୍ତୁ ଗ୍ରାମ ବାସୀଙ୍କ ଦାବି ସେଠାରେ ଶୋଠ ବଦଳରେ ଏକ କଲଭେଟ ନିର୍ମାଣ କରାଯାଉ ଏହି ଦ୍ୱନ୍ଦ୍ୱ ଭିତରେ କାମ ବନ୍ଦ ରହିଚି। ଯନ୍ତ୍ରୀ କହିଛନ୍ତି ଯେହେତୁ ଆଗକୁ ନଦୀରେ ପାଣି ବଢ଼ିବ ତେଣୁ କଟା ଯାଇଥିବା ବନ୍ଧ କୁ ତୁରନ୍ତ ପୋତିଦିଆଯିବ ବର୍ଷା ଦିନ ପରେ ପୁନର୍ବାର କାମ କରାଯିବ।

## ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା: ଗୋଟିଏ ଟ୍ରକ୍ ଜଳିଗଲା, ଜଣେ ମୃତ, ଜଣେ ଗୁରୁତର



କଣିହାଁ (ମହାଭାରତ ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ଥାନା ଅଞ୍ଚଳର ୧୪୯ ନମ୍ବର ଜାତୀୟ ରାଜପଥର ଗଙ୍ଗାଧରପୁର ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ପରେ ଗୋଟିଏ ଟ୍ରକ୍‌ରେ ନିଆଁ ଲାଗି ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଙ୍କଡ଼ାହାଡ଼ ଅଞ୍ଚଳର ପ୍ରଶାନ୍ତ ସାହୁ। ଗୁରୁତର ଆହତ ଡ୍ରାଇଭରଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିନାହିଁ। ତାଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ପାଉଁଶ ବୋଝେଇ ଏକ ହାଇୱା ଖମାର ପଟୁ ଆସୁଥିବା ବେଳେ ପିଟିରି ପଟୁ ଆସୁଥିବା ଏକ ଖାଲି ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ି ଦ୍ରୁତ ଗତିରେ ଥିବାରୁ ଧକ୍କା ପରେ ଗୋଟିଏ ଟ୍ରକ୍‌ରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ସହ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଖବର ପାଇ ସମଲ ଥାନା ପୋଲିସ ଓ କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପାରାଦ୍ୱୀପରେ ବିଜେପିର ମିଶ୍ରଣ ପର୍ବ ତୃଣମୂଳସ୍ତରରୁ ଦଳ ସୁଦୃଢ ହେବ: ସମ୍ପଦ

ପାରାଦ୍ୱୀପ, (ମହାଭାରତ) : ପାରାଦ୍ୱୀପ ପୌରପରିଷଦ ୧୫ ନମ୍ବର ୱାର୍ଡ ବଡ଼ ପଡିଆ ଠାରେ ଭାରତୀୟ ଜନତା ପାର୍ଟି ପାରାଦ୍ୱୀପ ନଗର ପକ୍ଷରୁ ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପର ଲୋକପ୍ରିୟ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିଧାୟକଙ୍କ ବିକାଶମୂଳକ କାମରେ ଅନୁପ୍ରାଣିତ ହୋଇ ୧୫ ନମ୍ବର ୱାର୍ଡର କାଉନସିଲର ସୌଦାମିନୀ ସାହୁଙ୍କ ନେତୃତ୍ୱରେ ନିଜ ୱାର୍ଡର ବିଜେଡି ଓ କଂଗ୍ରେସ ଦଳର ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସମେତ ପୌରପରିଷଦର ବିଭିନ୍ନ ୱାର୍ଡର କାର୍ଯ୍ୟକର୍ତ୍ତାମାନେ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି କ୍ଷ



ଆଜିର ଏହି ମିଶ୍ରଣ ପର୍ବ ସୂଚାଉଛି ଯେ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳ କୁ ସ୍ୱାଗତ କଲେ କ୍ଷ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ। ନୂତନ କରି ଦଳରେ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ପରିବାରକୁ ସ୍ୱାଗତ। ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଆମ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ସମସ୍ତେ ଏକ ହୋଇ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବା, ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକଟିର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପର୍କରେ ମତ ରଖିଥିଲେ। ଜନପ୍ରିୟ ଜନନେତା ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ସରକାର ସବୁବେଳେ ସମର୍ପିତ। ରାଜ୍ୟରେ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନକୁ ଦୁଇ ବର୍ଷ ପୂରଣ ହୋଇସାରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଲୋକଙ୍କ ସରକାର "ସବକା ସାଥ, ସବକା ବିକାଶ" ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି । ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛୁ ।୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକଙ୍କ ସରକାର ଦୃଢ ସଂକଳ୍ପ ନେଇଛନ୍ତି କ୍ଷ ରାଜ୍ୟକୁ ସମୃଦ୍ଧ ତଥା ବିକଶିତ ଭାବେ ଗଢି ତୋଳିବାକୁ ହେଲେ ଜିଲ୍ଲା ଗୁଡିକୁ ମଧ୍ୟ ସମୃଦ୍ଧ ତଥା ବିକଶିତ କରିବାକୁ ହେବ କ୍ଷ ଏହାସହ ରାଜ୍ୟର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି କ୍ଷ ଆଜି ଲୋକମାନେ ସରକାର ର ଖୁବ ନିକଟତର ହୋଇପାରିଛନ୍ତି। ନିଜର ସୁବିଧା, ଅସୁବିଧା ସରକାର ଙ୍କ ନିକଟରେ ଜଣାଇପାରୁଛନ୍ତି, ସେଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ସରକାର ରେ ଲୋକମାନେ ହିଁ ସର୍ବେସର୍ବା। ଆଜି ଲୋକ ମାନଙ୍କର ସରକାର ଙ୍କ ପ୍ରତି ଆସ୍ଥା, ବିଶ୍ୱାସ, ଭରଷା ବୃଦ୍ଧି ପାଇଛି। ଏହି ମିଶ୍ରଣ ପର୍ବରେ ଶତାଧିକ ଲୋକଙ୍କ ସହିତ ଜନ ପ୍ରତିନିଧି, ମହିଳା, ଯୁବକ, ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ଜଗତସିଂପୁର ସାଂସଦ ବିଭୂ ପ୍ରସାଦ ତରାଇ, ସୁବ୍ରତ ପ୍ରଧାନ, ସର୍ବେଶ୍ୱର ବଳିୟାରସିଂ, ଯୁଗୋଳ କିଶୋର ପ୍ରଧାନ ପ୍ରତାପ ନାୟକ , ସୋଲେମାନ ରାଜୁ, ବଜରଙ୍ଗ ସ୍ୱାଇଁ, ସୌଦାମିନୀ ସାହୁ, ସଂଗ୍ରାମ ଦାସ, ବିଜୟ କୁମାର ବାରିକ, ବିଜୟ କୁମାର ଆଚାର୍ଯ୍ୟ, ସର୍ବେଶ୍ୱର ଜେନା, ଅର୍ଜିଳ ଶିବା, ଦିଲ୍ଲିପ କିଶୋର ବେହେରା, ରଞ୍ଜନ ବେହେରା, ଜିତେନ୍ଦ୍ର ସାହୁ, ପ୍ରତାପ ନାୟକ, ଅମୀୟ ପାଣି, ଗୋଲେଖ ସାହୁ, ହୃଷିକେଶ ଦାସ, ଦିଲ୍ଲିପ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଡି.ଏ.ଭି .ପବ୍ଲିକ୍ ସ୍କୁଲ, ଏମ୍.ସି.ଏଲ୍.,କଳିଙ୍ଗ କ୍ଷେତ୍ରରେ ପାଳିତ ହେଲା ୩୧ତମ ପ୍ରତିଷ୍ଠା ଦିବସ



ଅନୁଗୋଳ,: କୋଇଲା ନଗରୀ ତାଳଚେର ଉପଖଣ୍ଡ ସ୍ଥିତ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡର ଡି.ଏ.ଭି.ପବ୍ଲିକ୍ ସ୍କୁଲ, ଏମ.ସି.ଏଲ.,କଳିଙ୍ଗ କ୍ଷେତ୍ରର ୩୧ତମ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଅଛି। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ବୈଦିକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଏହି ୩୧ତମ ଉତ୍ସବର ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ଼ଃ ଅଦୈତ୍ୟ ଚରଣ ଗଡନାୟକ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ରୂପେ ପ୍ରତିଭା ମହିଳା ମଣ୍ଡଳର ସଭାପତି ଅସ୍ମିତା ଯୋଶୀ ଯୋଗଦାନ କରି ଗୌରବ ମଣ୍ଡିତ କରାଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ୨୦୨୫ ମସିହାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁଶ୍ରୀ ଏସ୍ ମନୀଷା ବିଶିଷ୍ଟ ଅତିଥି ରୂପେ ଯୋଗଦାନ ଦେଇଥିଲେ। ତାଙ୍କୁ ବିଦ୍ୟାଳୟ ତରଫରୁ ତାଙ୍କର କୃତିତ୍ୱ ପାଇଁ ସମ୍ମାନିତ କରାଯାଇଥିଲା । ସେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି ଅଧ୍ୟୟନ ପ୍ରତି ସେମାନଙ୍କର ଏକାଗ୍ରତା ,ଆଗ୍ରହ ଏବଂ ସଫଳତାର ମାର୍ଗଦର୍ଶକ ହେବ ବୋଲି ଉପଦେଶ ଦେଇଥିଲେ।

## ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ୧୫୫ତମ ଜୟନ୍ତୀ



ମର୍ଦ୍ଦକୋଟ,: ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପୂଜ୍ୟପୂଜା ସାହିତ୍ୟ ସଂସଦର ମିଳିତ ସହଯୋଗରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ସ୍ଥିତ ହରିହର ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶିଷ୍ଟ ଶିକ୍ଷାନୁରାଗୀ, ସମାଜସେବୀ ଓ ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ୧୫୫ତମ ଜୟନ୍ତୀ ଶ୍ରଦ୍ଧା ଓ ଗାମ୍ଭୀର୍ଯ୍ୟର ସହ ପାଳିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭିକାରୀ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଗୋପାଳ କୃଷ୍ଣ ମହାବିଦ୍ୟାଳୟ, ସୁବଳୟାର ଅଧାପିକା ଡ. ଜ୍ୟୋସ୍ନା ରାଣୀ ପ୍ରଧାନ ମୁଖ୍ୟବକ୍ତା ଏବଂ ବ୍ରହ୍ମପୁର ଡିଭିଜନାଲ ଫରେଷ୍ଟ ଅଫିସର ସନୀ ଗୋଖର ଓ ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ଦିବ୍ୟ ଶଙ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଜୀବନ, କାର୍ଯ୍ୟ ଓ ଓଡ଼ିଶା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜା ହରିହର ମର୍ଦ୍ଦରାଜ ଦେଓ କେବଳ ଜଣେ ଦୂରଦର୍ଶୀ ଶାସକ ନୁହେଁ, ବରଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟତମ ପ୍ରେରଣାଦାତା ଥିଲେ। ତାଙ୍କ ପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମଦିବସ ଅବସରରେ ୧୩ ଜାନୁଆରୀ ୧୯୦୨ ରେ ରମ୍ଭା ରାଜପ୍ରାସାଦରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ବ୍ୟାସକବି ଫକୀର ମୋହନ ସେନାପତି ଓ ଓଡ଼ିଶାର ବିଭିନ୍ନ ରାଜା-ମହାରାଜାଙ୍କୁ ଆମନ୍ତ୍ରଣ କରି ଏକ ଐତିହାସିକ ବୈଠକର ଆୟୋଜନ କରିଥିଲେ ।

## ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ



ଧର୍ମଗଡ,: ଧର୍ମଶାଳା ବ୍ଲକ ଅଧିନସ୍ଥ ଗଙ୍ଗାଧରପୁର ଜିପି ରେ ଥିବା ବ୍ଲକ ର ଏକମାତ୍ର ପିଏମ ଶ୍ରୀ ବିଦ୍ୟାଳୟ ପତିତପାବନ ହାଇସ୍କୁଲ ପରିସରରେ ବନମୋଉତ୍ସବ ଅବସରରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ଇନ୍ଦିରା ଗାଗାରାଇ ଙ୍କ ତତ୍ତ୍ୱାବଧନ ରେ ଅନୁଷ୍ଠିତ ବୃକ୍ଷ ରୋପଣ ରେ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ପୁରାତନ ଛାତ୍ର ସଂସଦ ସଭାପତି ଇଞ୍ଜିନିଅର ନିରଞ୍ଜନ ମିଶ୍ର, ପୁରାତନ ଛାତ୍ର ସଂସଦ ସହ ସମ୍ପାଦକ ଦେବବ୍ରତ ରାଉତ, ଶିକ୍ଷା କମିଟି ସଭାପତି ବେଣୁଧର ଦାସ ଓ ପୁରାତନ ଛାତ୍ର ଦେବପ୍ରସାଦ ରାୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବନମହୋତ୍ସବ

ଗଞ୍ଜାମ:ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ରଘୁନାଥ ପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରେ ବନମହୋତ୍ସବ ପାଳିତ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଦିତୀ ଆଚାର୍ଯ୍ୟ ଯୋଗ ଦେଇ ଶିଶୁ ଭାଇ ଭଉଣୀ ମାନଙ୍କୁ ସବୁଜ ଗଛ ଓ ସୁନ୍ଦର ଭବିଷ୍ୟତ ଗଠନ ଦିଗରେ ଉତ୍ସାହିତ କରିଥିଲେ।

# ସ୍ତ୍ରୀର ଆକ୍ରମଣରେ ସ୍ୱାମୀ ମୃତ

ବଲାଙ୍ଗୀର(ମହାଭାରତ): ବଲାଙ୍ଗିର ସହର ରେ ଏକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳିଛି ସ୍ତ୍ରୀ ର ଆକ୍ରମଣରେ ସ୍ୱାମୀ ମୃତ । ଏଭଳି ଘଟଣା ବଲାଙ୍ଗିର ସହରରେ ଦେଖିବାକୁ ମିଳିଥିବା ବେଳେ ଏହାକୁ ନେଇ ମୃତକଙ୍କ ବାପା ପ୍ରଫୁଲ୍ଲ ମିଶ୍ର ବଲାଙ୍ଗିର ଲକ୍ଷ୍ମୀପୋର ଥାନାର ଦ୍ୱାରସ୍ଥ ହୋଇ ଏକ ବଡ଼ ଅଭିଯୋଗ କରିଛନ୍ତି । ତାଙ୍କ କହିବାନୁସାରେ ତାଙ୍କ ବହୁ ଅନାମିକା ଶତପଥୀଙ୍କ ଆକ୍ରମଣରେ ତାଙ୍କ ପୁଅ ସ୍ୱପ୍ନେଶ୍ୱର ମିଶ୍ରଙ୍କ ମୃତ୍ୟୁ ହୋଇଛି । ଘରେ କୌଣସି ଏକ କାରଣକୁ ନେଇ ତାଙ୍କ ବୋହୂ ଓ ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇ ଟଣା ଓଟରା ଲାଗି ରହିଥିଲା । ଏତିକି ବେଳେ ବୋହୂଙ୍କ ଆକ୍ରମଣରେ ତାଙ୍କ ପୁଅ ସ୍ୱପ୍ନେଶ୍ୱରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ରକ୍ତାକ୍ତ ହୋଇଯାଇଥିଲେ । ଯାହାଫଳରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ୨ରୁ ୩ ଦିନ ରଖିବା ପରେ ଡାକ୍ତର ଆଜି ତାଙ୍କୁ ମୃତ ଘୋଷଣା କରିଥିଲେ ।ଘଟଣାକୁ ନେଇ ଆଜି ମାମଲା ଥାନାରେ ପହଂଚିଥିବା ବେଳେ ଦୋଷୀ ବୋହୂ ଓ ତାଙ୍କ ପରିବାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବୀ କରିଛନ୍ତି ମୃତ ସ୍ୱପ୍ନେଶ୍ୱରଙ୍କ ବାପା ପ୍ରଫୁଲ୍ଲ ମିଶ୍ର । ସ୍ୱପ୍ନେଶ୍ୱରଙ୍କ ଶବକୁ ଜବତ କରି ବଲାଙ୍ଗିର ଡାକ୍ତର ଖାନା ସ୍ଥିତ ଶବ ବ୍ୟବଚ୍ଛେଦ ଗୃହ ଠାରେ ଶବ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ରହିଛି । ଘଟଣାକୁ ନେଇ ଏବେ ବଲାଙ୍ଗିର ସହରରେ ବେଶ୍ ଚର୍ଚ୍ଚା ଲାଗି ରହିଛି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ପାଳିତ

ଆସିକା (ମହାଭାରତ) ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଭୂତିଭୂଷଣ ବେବର୍ତ୍ତାଙ୍କ ପୌରହିତ୍ୟରେ ୫୯ତମ ପ୍ରତିଷ୍ଠା ଦିବସ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସମ୍ପାଦିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରିଣୀ ଡ଼. ନନ୍ଦିତା ଦାଶ, ହିସାବ ଅଧିକାରୀ ଦେବାଶିଷ ସାହୁ ଏବଂ ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ମୁନୀ ମଞ୍ଚାସୀନ ଥିଲେ। ସମସ୍ତ ମଞ୍ଚାସୀନ ଅତିଥି ସ୍ୱମହାବିଦ୍ୟାଳୟର ଇତିହାସ, ପୂର୍ବ ଗର୍ବ ଓ ଗୌରବକୁ ବଖାଣି ଥିଲେ। ଆଗାମୀ ଭବିଷ୍ୟତରେ ମଧ କିପରି ଏହି ଧାରା ବଳବତ୍ତର ରହିପାରିବ ତାହାର ସବିଶେଷ ଆଲୋଚନା ହୋଇଥିଲା ।ଅଧ୍ୟକ୍ଷ ପ୍ରଫେସର ବେବର୍ତ୍ତା ଛାତ୍ରମାନଙ୍କୁ ଶୃଙ୍ଖଳାର ବାର୍ତ୍ତା ଦେଇଥିବା ବେଳେ ପ୍ରଶାସନିକ ଅଧିକାରୀ ଡ଼. ପଟ୍ଟନାୟକ ମଧ୍ୟ ଅନୁରୂପ ମନ୍ତବ୍ୟ ରଖିଥିଲେ। ସମସ୍ତ ମଞ୍ଚାସୀନ ଅତିଥି ଆଖୁଋଷୀଙ୍କ ଶ୍ରମଜଳରେ କିପରି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ତାହାର ବିଶଦ ବିବରଣୀ ରଖିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ସମୟର ମହାନୁଭବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କ ଗୌରବ ଗାଥାକୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ସ୍ୱନାମଧନ୍ୟ ପ୍ରତିଷ୍ଠାପକ ସ୍ୱର୍ଗତ ହରିହର ଦାସ, ଦ୍ୱିତିକୃଷ୍ଣ ପଣ୍ଡା, ଲୋକନାଥ ମିଶ୍ର, କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମାଙ୍କ ନାମ ଏବଂ ଶ୍ରେଷ୍ଠତାକୁ ସମସ୍ତ ମଞ୍ଚାସୀନ ଅତିଥି ସ୍ମରଣ କରିଥିଲେ। ଏହି ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ କ୍ଷେତ୍ରରେ ଅନେକ ମେଧାବୀ ଛାତ୍ରଛାତ୍ରୀ ଦେଶବିଦେଶରେ କିପରି ସୁନାମ ଅର୍ଜନ କରିଛନ୍ତି ତାହାର ସବିଶେଷ ଆଲୋଚନା ହୋଇଥିଲା। ସ୍ନାତକ କ୍ଷେତ୍ରରେ ଆହୁରି ଅନେକ ବିଷୟ ପାଠ୍ୟକ୍ରମର ଶିକ୍ଷାଦାନ, କ୍ରୀଡାଙ୍ଗନା ପାଚେରୀ, ବାଳକ ଏବଂ ବାଳିକାଙ୍କ ପାଇଁ ପଋସ ପଋସ କିମ୍ବା ଏକ ଶତ ଶତ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ସୁବିଧା ହୋଇ ପାରିଲେ ଏବଂ ସ୍ନାତକୋତ୍ତର ବିଭାଗ ପ୍ରତିଷ୍ଠା ଏବଂ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଶିକ୍ଷା ପ୍ରଦାନ ହୋଇପାରିଲେ। ମହାବିଦ୍ୟାଳୟର ଗୌରବ ଆହୁରି ଅନେକ ସୁଦୂରପ୍ରସାରୀ ହୋଇ ପାରିବ ଏବଂ ଅଞ୍ଚଳରୁ ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାର ସୁଯୋଗ ପାଇପାରିବେ ଏବଂ ମେଧାବୀ ଶିକ୍ଷାର୍ଥୀ ଉତ୍ପନ୍ନ ହୋଇପାରିବେ ବୋଲି ଅଧ୍ୟକ୍ଷଙ୍କୁ ନିବେଦନ କରାଯାଇଛି। ମହାବିଦ୍ୟାଳୟର କୃତି ଶିକ୍ଷାର୍ଥୀ ଏବଂ ବିଶ୍ୱବିଦ୍ୟାଳୟ ସ୍ତରୀୟ ଶୀର୍ଷ କୃତି ସମ୍ପର୍ଣ୍ଣ ଶିକ୍ଷାର୍ଥୀଙ୍କୁ ମଞ୍ଚାସୀନ ଏବଂ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଋରୀ ସହଯୋଗ କରିଥିଲେ।

## ବେଆଇନ ଛେଳି ଋଲାଣର ପର୍ଦ୍ଦାଫାସ
# ବସ୍ ଜବତ: ୩୭ ଛେଳି ଉଦ୍ଧାର ଓ ୩ ଗିରଫ



ପାରାଦୀପ,(ମହାଭାରତ): ପଶ୍ଚିମବଙ୍ଗ ରୁ ପାରାଦୀପ କୁ ବେଆଇନ ଭାବେ ଋଲାଣ ହେଉଥିବା ଛେଳି ର ଏକ ବଡ଼ ରାକେଟ ର ପର୍ଦ୍ଦାଫାଶ କରିଛି ପାରାଦୀପ ଲକ ପୋଲିସ । ତେବେ ଏହି ରାକେଟ ବିଷୟରେ ସୂଚନା ପାଇ ଜିଲ୍ଲା ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ପାରାଦୀପ ଏଏସପି ଆଜିଂକ୍ୟ ବାବୁରାଓ ମାଣେ, ପାରାଦୀପ ଲକ ଥାନାର ଆଇଆଇସି ରଶ୍ମି ରଞ୍ଜନ ଦାଶ ଙ୍କ ତତ୍ତ୍ୱାବଧାନରେ ଏସଆଇ ଶ୍ରୀକାନ୍ତ କୁମାର ସାହୁ ଅନ୍ୟ ପୋଲିସ କର୍ମଋରୀ ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠିତ ହୋଇଥିଲା । ଜୁଲାଇ ୧୨ ରବିବାର ସକାଳ ୬ ଟା ସମୟରେ ପଶ୍ଚିମବଙ୍ଗ ରୁ ଆସୁଥିବା ନୀଳମାଧ ନାମକ ଏକ ବସ କୁ ଏହି ପୋଲିସ ଟିମ ଚୂନ ଛକ ନିକଟରେ ଅଟକାଇ ଏଥିରୁ ୩୭ ଟି ଛେଳି ଉଦ୍ଧାର ଓ ଜବତ କରି ବସ ର କଣ୍ଡକ୍ଟର ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ରତନ ପଟ୍ଟନାୟକ (୫୧), ହେଲ୍ପର ସୁଜିତ ମାଇତି (୫୨) ଓ ବସର ଡ୍ରାଇଭର ରାଧାକାନ୍ତ ଗିରି (୪୩) ଙ୍କୁ ଗିରଫ କରିଥିଲା । ତେବେ ଏହି ଛେଳି ଋଲାଣ ରାକେଟର ମୁଖ୍ୟ କାର୍ପଟଦାର କୁ ଧରିବାକୁ ପୋଲିସ ତାର ତଦନ୍ତ ଜାରି ରଖିଛି । ତେବେ ଏବାବଦରେ ପଶୁ ନିରୋଧ ଆଇନ ଅନୁଯାୟୀ ଲକ ଥାନାରେ ୟୁ/ ଏସ -୩୦୩(୨)/୩୧୭(୨)/ ୩(୫)ଏନଏସ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଲକ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ସୂଚନା ଦେଇଛନ୍ତି ।

## ବାଲିପାଟଣା ଖାଦ୍ୟ ଜାଲିଆତି: ବାପା-ପୁଅ କୋର୍ଟ ଋଲାଣ

ବାଲିପାଟଣା:( ମହାଭାରତ) ବାଲିପାଟଣା ଅଞ୍ଚଳରେ ଦୀର୍ଘ ଦିନ ଧରି ଋଲିଥିବା ବହୁ ଚର୍ଚ୍ଚିତ ଏକ୍ସପାୟାର୍ଡ ବିସ୍କୁଟ କାରବାର ଘଟଣାରେ ପୁଲିସ ଆଜି ମୁଖ୍ୟ ଅଭିଯୁକ୍ତ କୃଷ୍ଣ ଚନ୍ଦ୍ର ସାହୁ ଏବଂ ତାଙ୍କ ପୁଅ ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟ ଋଲାଣ କରିଛି। ଦୀର୍ଘ ବର୍ଷ ଧରି ଅବଧି ସରିଯାଇଥିବା ଦାମୀ କମ୍ପାନୀର ବିସ୍କୁଟକୁ ପୁନଃ ପ୍ୟାକିଂ କରି ବଜାରରେ ବିକ୍ରି କରୁଥିବା ଏହି ରାକେଟ୍ ସମ୍ପର୍କରେ ସ୍ଥାନୀୟ ଲୋକେ ପୂର୍ବରୁ ସନ୍ଦେହ ପ୍ରକାଶ କରି ଆସୁଥିଲେ। ଗତ ଶନିବାର ସ୍ଥାନୀୟ ବାସିନ୍ଦାଙ୍କ ସତର୍କତା ଯୋଗୁଁ ଏହି ଅବୈଧ କାରବାର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାରେ ପୁଲିସ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୧୮(୪), ୨୭୫/୧୧୮/୩(୫)ସହ ଲିଗାଲ୍ ମାପ ବିଜ୍ଞାନ ଆଇନର ଧାରା ୩୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ ଆଇନର ଧାରା ୫୦, ୫୧, ୫୨, ୫୯ଓ ୬୩ ଦଫାରେ ମାମଲା ରୁଜୁ କରିଛି। ଏଥିମଧ୍ୟରେ ଅନ୍ତର୍ଭୁକ୍ତ। ତେବେ ୨୦୦୩ ମସିହାରୁ ଏଭଳି ମାରାତ୍ମକ କାରବାର ଋଲିଥିବା ସ☐ ଖାଦ୍ୟ ସୁରକ୍ଷା ବିଭାଗର କାହିଁକି ନିଦ ଭାଙ୍ଗିଲାନି, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଏଭଳି ଅସାଧୁ ବ୍ୟବସାୟୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆଶ୍ରମ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ

ବରଗଡ:
ଓଡ଼ିଶା ସରକାରଙ୍କ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବରଗଡ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁର ସ୍ଥିତ ଆଶ୍ରମ ବିଦ୍ୟାଳୟର ଇକୋ କ୍ଲବ୍ ପକ୍ଷରୁ ଛାତଛାତ୍ରୀମାନଙ୍କୁ ବାଲ୍ୟାବସ୍ଥାରୁ ବୃକ୍ଷ ରୋପଣ ଦିଗରେ ସଚେତନ କରିବା ପାଇଁ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ଉଚ୍ଛବ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ଜୁନିଅର୍ ରେଡକ୍ରସ କାଉନସେଲର ସଞ୍ଜୟ ଖମାରୀ ଯୋଗ ଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଓ ବୃକ୍ଷ ମାହାତ୍ମ୍ୟ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଭଟଲି ବନପାଳ କଂଗ୍ରେସ ସୁନା,ସମ୍ମାନିତ ଅତିଥିରୂପେ ବିଦ୍ୟାଳୟ ପରିଋଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ ଯୋଗ ଦେଇଥିଲେ ।ଗତ ବାର୍ଷିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଫଳ ଋରା ପ ୍ ଦ । ନ




କରାଯାଇଥିଲା ।କାର୍ଯ୍ୟକ୍ରମ ପରିଋଳନାରେ ଶିକ୍ଷକ ରାଜୀବ ସାହୁ, ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ,ପଞ୍ଚମୀ ନାଏକ, ମମତା ସାହୁ, ମାନସୀ ଷଣ୍ଢ,ସାବିତ୍ରୀ ସା,ଜୟନ୍ତୀ ମୁନା,ସାବିତ୍ରୀ ଭୁଏ, ସବିତା ବାଗ ଓ ସାବିତ୍ରୀ ବାଡା ସହଯୋଗ କରିଥିଲେ ।ଶିକ୍ଷକ ଅଷ୍ଟମନ୍ୟୁ ବାରିକ ସଭାକାର୍ଯ୍ୟ ପରିଋଳନା କରିଥିବାବେଳେ ଶିକ୍ଷକ ଦିଲ୍ଲୀପ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷିୟାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଧର୍ମଶାଳା,: ଧର୍ମଶାଳା ବ୍ଲକ ଅଧିନସ୍ଥ ଗଙ୍ଗାଧରପୁର ଜିପିର ପତିତପାବନ ହାଇସ୍କୁଲ ର ଅବସର ପ୍ରାପ୍ତ ଗଣିତ ଓ ବିଜ୍ଞାନ ଶିକ୍ଷକ ଅବଧୂତ ପରିଡାଙ୍କୁ ତାଙ୍କ ୮୧ ତମ ଜନ୍ମ ଦିନରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ତାଙ୍କ ଜାରାକାସ୍ଥିତ ବାସ ଭବନ ରେ ପତିତପାବନ ହାଇସ୍କୁଲ ର ପୁରାତନ ଛାତ୍ର ସଂସଦର ସଭାପତି ଇଞ୍ଜିନିଅର ନିରଞ୍ଜନ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଛାତ୍ର ସଂସଦ ର ଉପଦେଷ୍ଟା ବଟକୃଷ୍ଣ ପରିଡା, ଅବସର ପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ଦାସ, ସାମାଜିକ କର୍ମୀ ଦେବବ୍ରତ ରାଉତ, ଶିକ୍ଷକ ନରେନ୍ଦ୍ର ବେହେରା ଓ ଶରତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବର୍ଷୀୟାନ ଶିକ୍ଷକ ଅବଧୂତ ପରିଡା ଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

## ବେଦଖଲ ରହିଥିବା ଅଞ୍ଚଳକୁ କାଶୀନଗର ଏନଏସି ପକ୍ଷରୁ ଉଚ୍ଛେଦ



ପାରଳାଖେମୁଣ୍ଡି,: ଗଜପତି ଜିଲ୍ଲା କାଶୀନଗର ଏନଏସିର ବ୍ୟସ୍ତ ବହୁଳ ମାର୍କେଟ ଅଞ୍ଚଳରେ ଦୀର୍ଘ ଦିନ ଧରି ରାସ୍ତାକଡ଼ ଓ ଡ୍ରେନ୍ ଉପରେ ଗଢ଼ି ଉଠିଥିବା ଅସ୍ଥାୟୀ ଦୋକାନ ଯୋଗୁଁ ଯାତାୟାତ ବ୍ୟବସ୍ଥା ବ୍ୟାହତ ହେବା ସହ ବର୍ଷା ଦିନରେ ଜଳ ନିଷ୍କାସନରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି କାଶୀନଗର ଏନଏସି ପକ୍ଷରୁ ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚଳାଯାଇଥିଲା। ଏହି ଅଭିଯାନ ସମୟରେ କାର୍ଯ୍ୟନିର୍ବାହୀ ଦାୟିତ୍ୱରେ ଥିବା ସହକାରୀ ତହସିଲଦାର କେ. ଦିବ୍ୟରଞ୍ଜନଙ୍କ ନେତୃତ୍ୱରେ ଏନଏସି କର୍ମଋରୀମାନେ ରାସ୍ତା ଓ ଡ୍ରେନ ଉପରେ ଥିବା ବିଭିନ୍ନ ଅସ୍ଥାୟୀ ଦଖଲକୁ ହଟାଇଥିଲେ। ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ କାଶୀନଗର ପୋଲିସ ଥାନା ଟିମ ଘଟଣା ସ୍ଥଳରେ ସଜାଗ ଥିଲେ।

## ମାଗୁରପାଣିରେ 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ଗ୍ରାମ' କାର୍ଯ୍ୟକ୍ରମ
# ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ନୂଆପଡ଼ା,: 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନ ଅନ୍ତର୍ଗତ 'ଗାଁ ପରିମଳ ଗାଁ ମୁଣ୍ଡରୁ' କାର୍ଯ୍ୟକ୍ରମ ଅଧୀନରେ ନୂଆପଡ଼ା ବ୍ଲକର ମାଗୁରପାଣି ଗ୍ରାମରେ 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଗ୍ରାମ' ଅଭିଯାନ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛ। ସ୍ୱଚ୍ଛ, ସୁସ୍ଥ ଓ ପରିବେଶ ଅନୁକୂଳ ଗ୍ରାମ ଗଠନ ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ ଏବଂସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ ।ଗ୍ରାମ ପ୍ରବେଶ ପଥରେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ପରେ ଗ୍ରାମବାସୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ଯୁବବର୍ଗଙ୍କ ସହଯୋଗରେ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଗ୍ରାମର ବୟସ୍କ ବ୍ୟକ୍ତିମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ ।ପରବର୍ତ୍ତୀ ପର୍ଯ୍ୟାୟରେ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଗୁରପାଣିରେ ଆୟୋଜିତ ସଭାରେ ଛାତ୍ରୀମାନେ ସଂସ୍କୃତ ଶ୍ଳୋକ, ପୁଷ୍ପତିଳକ ଓ ଗାଇଡ୍ ଦଳର ବାଦ୍ୟବାଦନ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଦୀପ୍ତ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଅବସରପ୍ରାପ୍ତ ଶିକ୍ଷକ ମିତ୍ରଭାନୁ ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିବାବେଳେ ଟ୍ୱିଙ୍କଲ ସାହୁ ଗ୍ରୁପ୍ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଗଠନ ଉପରେ ସଚେତନତାମୂଳକ ସଙ୍ଗୀତ



ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ତେଶ୍ୱରୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ କ୍ରୀଡ଼ା ଶିକ୍ଷକ ମହତାବ ଆଡଜୁଆଡ଼ ବିଦ୍ୟାଳୟର କ୍ରୀଡ଼ା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ।ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା ଏକକ ବ୍ୟବହୃତ ପ୍ଲାଷ୍ଟିକକ ୂପ୍ରଭାବ ସମ୍ପର୍କରେ ସଚେତନ କରାଇ ବିକଳ୍ପ ସାମଗ୍ରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଘନଶ୍ୟାମ ଭୋଇ ପରିବେଶ ସୁରକ୍ଷାରେ ସାମୂହିକ ଦାୟିତ୍ୱ ପାଳନର ଆବଶ୍ୟକତା ଉଲ୍ଲେଖ କରିଥିଲେ ।ଏହି ଅବସରରେ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ଡୋମେଶ୍ୱରୀ ସାହୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଯୋଗିତାରେ ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତର ପାଇଁ ମନୋନୀତ ହୋଇଥିବା ପ୍ରିୟଙ୍କା ରଥଙ୍କୁ ଜିଲ୍ଲାପାଳ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସେହିପରି 'ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା' ଅଭିଯାନର ସଫଳ ନେତୃତ୍ୱ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା ।ଶେଷରେ ଶିକ୍ଷକ ହେମସାଗର ସାହୁ ସମୂହ ସ୍ୱଚ୍ଛତା ଶପଥ ପାଠ କରାଇଥିବାବେଳେ ସରପଞ୍ଚ ପ୍ରତିନିଧି ରୋହିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ମୁମ୍ବାଇ ତାଜ୍ ହୋଟେଲ୍‌କୁ ଉଡ଼ାଇ ଦେବାକୁ ଧମକ ! ଆଲର୍ଟରେ ମୁମ୍ବାଇ ପୋଲିସ

ନୂଆଦିଲ୍ଲୀ : ମୁମ୍ବାଇ ତାଜ୍ ହୋଟେଲ୍ କୁ ଉଡ଼ାଇ ଦେବାକୁ ଧମକ ! ଆଲର୍ଟରେ ମୁମ୍ବାଇ ପୋଲିସ । ତାଜ୍ ମହଲ ପ୍ୟାଲେସ୍ ହୋଟେଲ୍ ରେ ସର୍ଚ୍ଚ ଅପରେସନ। କେଉଁଠୁ ଆସିଥିଲା ଧମକପୂର୍ଣ୍ଣ କଲ୍ ? ଖୋଳତାଳ କରୁଛି ପୋଲିସ। ଶନିବାର ବିଳମ୍ବିତ ରାତି ପ୍ରାୟ ୧୨ଟାରେ ନଭି ମୁମ୍ବାଇ ପୋଲିସ କଣ୍ଟ୍ରୋଲ ରୁମକୁ ଅଜ୍ଞାତ ଫୋନ୍ କଲ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତିଜଣକ ମୁମ୍ବାଇର ପ୍ରସିଦ୍ଧ 'ତାଜ୍ ମହଲ ପ୍ୟାଲେସ୍ ହୋଟେଲ୍ 'କୁ ବୋମା ମାଡ଼ କରି ଉଡ଼ାଇ ଦେବାକୁ ଧମକ ଦେଇଥିଲେ। ସମ୍ବେଦନଶୀଳ ମାମଲା ହୋଇଥିବାରୁ ନଭି ମୁମ୍ବାଇ ପୋଲିସ ତୁରନ୍ତ ଏହି ସୂଚନା ମୁମ୍ବାଇ ପୋଲିସକୁ ହସ୍ତାନ୍ତର କରିଥିଲା। ସୂଚନା ପାଇବା ମାତ୍ରେ ମୁମ୍ବାଇ ପୋଲିସ ସକ୍ରିୟ ହୋଇଉଠିଥିଲା। ବୋମା ନିଷ୍କାସନ ସ୍କ୍ୱାଡ୍ ଓ ସ୍ନିଫର୍ ଡଗ୍ସ ସହାୟତାରେ ପୋଲିସ ସମଗ୍ର ହୋଟେଲ ପରିସରରେ ବ୍ୟାପକ ସର୍ଚ୍ଚ ଅପରେସନ କରିଥିଲା। ହୋଟେଲର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି କଲ୍ କେଉଁଠୁ ଏବଂ କିଏ କରିଥିଲା, ସେ ନେଇ ପୋଲିସ ତଦନ୍ତ ଚଳାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହା ଏକ ହୋକ୍ସ କଲ୍ ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ପୋଲିସ କୌଣସି ପ୍ରକାର ଢିଲାପଣ ଦେଖାଇବାକୁ ଚାହୁଁନାହିଁ। ୨୦୦୮ ମସିହା ନଭେମ୍ବର ୨୬ରେ ଆତଙ୍କବାଦୀ ଆକ୍ରମଣରେ ତାଜ୍ ହୋଟେଲ୍ ମୁଖ୍ୟ ଟାର୍ଗେଟ୍ ଥିବାରୁ, ଏଭଳି ଯେକୌଣସି ଧମକପୂର୍ଣ୍ଣ କଲ୍ କୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଥାନ୍ତି। ବର୍ତ୍ତମାନ ହୋଟେଲ୍ ରେ ସ୍ଥିତି ସ୍ୱାଭାବିକ ରହିଛି ଏବଂ ସୁରକ୍ଷା କର୍ମୀ ହାଇ ଆଲର୍ଟରେ ଅଛନ୍ତି।

## କାତାରର ପୂର୍ବତନ ଆମୀର ଶେଖ ହମାଦଙ୍କ ଦେହାନ୍ତ, ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ : ଆଜି ସକାଳେ କାତାରର ପୂର୍ବତନ ଆମୀର ଶେଖ ହମାଦ୍ ବିନ୍ ଖଲିଫା ଅଲ୍ ଥାନିଙ୍କର ଦେହାନ୍ତ ହୋଇଛି । ସେ ୭୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । କାତାରର ସରକାରୀ ଖବର ସଂସ୍ଥା ତାଙ୍କ ଦେହାନ୍ତକୁ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ସୁଦ୍ଧା ତାଙ୍କ ମୃତ୍ୟୁ କାରଣ ପ୍ରକାଶ କରାଯାଇନାହିଁ । କାତାରର ଆମିରି ଦିୱାନ ଏକ ସରକାରୀ ବିବୃତ୍ତି ଜାରି କରି କହିଛନ୍ତି ଯେ, "ଆଲ୍ଲାଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି, ଆମେ ପୂର୍ବତନ ଅମୀର ଶେଖ୍ ହମାଦ ବିନ୍ ଖଲିଫା ଅଲ୍ ଥାନିଙ୍କ ଦେହାନ୍ତ ଖବରକୁ ଗଭୀର ଦୁଃଖର ସହିତ ଘୋଷଣା କରୁଛୁ । ଆଲ୍ଲା ତାଙ୍କୁ ସ୍ୱର୍ଗପ୍ରାପ୍ତି କରାନ୍ତୁ । ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଢରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ପୋଷ୍ଟ ସେୟାର କରି କହିଛନ୍ତି ଯେ, କାତାରର ପୂର୍ବତନ ଆମୀର ଶେଖ୍ ହମାଦ ବିନ୍ ଖଲିଫା ଅଲ୍ ଥାନିଙ୍କ ପରଲୋକରେ ଆମେ ଗଭୀର ଶୋକ ପ୍ରକାଶ କରୁଛୁ । ସେ ଜଣେ ଦୂର ଦୃଷ୍ଟିସମ୍ପନ୍ନ ନେତା ଥିଲେ । ଯିଏ କାତାରକୁ ବିକାଶ ଏବଂ ସମୃଦ୍ଧିର ଉଚ୍ଚ ଶିଖରରେ ପହଞ୍ଚାଇଥିଲେ । ଆମେ ତାଙ୍କୁ ଜଣେ ପ୍ରକୃତ ବନ୍ଧୁ ଭାବରେ ମଧ୍ୟ ମନେ ରଖୁଛୁ । ଫେବୃଆରୀ ୨୦୨୪ ଶେଷ କାତାର ଗସ୍ତ ସମୟରେ ମୁଁ ତାଙ୍କୁ ଭେଟିବାର ସୌଭାଗ୍ୟ ପାଇଥିଲି । ମୁଁ ସମଗ୍ର ରାଜପରିବାର ଏବଂ କାତାରର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି । ଦିବଂଗତ ଆତ୍ମାଙ୍କୁ ଶାନ୍ତି ମିଳୁ । ଅନ୍ୟପଟେ ଯଦି ତାଙ୍କ କ୍ୟାରିଅର କଥା କୁହାଯାଏ ତେବେ ସେ ୧୯୯୫ ମସିହାରେ ତାଙ୍କ ପିତା ଶେଖ୍ ଖଲିଫା ବିନ୍ ହମାଦ୍ ଅଲ୍ ଥାନିଙ୍କ ପରେ ଦେଶର ନେତା ହୋଇଥିଲେ । ଏହି ପରିବର୍ତ୍ତନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଏବଂ ରକ୍ତପାତ ବିନା ହୋଇଥିଲା । ପ୍ରାୟ ୧୮ ବର୍ଷ ଧରି ଦେଶକୁ ଶାସନ କରିବା ପରେ, ୨୦୧୩ ମସିହାରେ, ସେ ସ୍ୱେଚ୍ଛାକୃତ ଭାବରେ ତାଙ୍କ ପୁଅ, କାତାରର ବର୍ତ୍ତମାନର ଅମୀର ଶେଖ୍ ତାମିମ୍ ବିନ୍ ହମାଦ୍ ଅଲ୍ ଥାନିଙ୍କୁ ସିଂହାସନ ହସ୍ତାନ୍ତର କରିଥିଲେ ।

## ବଙ୍ଗୋପସାଗରରେ ୪.୫ ତୀବ୍ରତାର ଭୂକମ୍ପ ଝଟକା, ଥରିଲା ବିଶାଖାପାଟଣା

ବିଶାଖାପାଟଣା : ଆଜି ସକାଳେ ବଙ୍ଗୋପସାଗରରେ ଭୂକମ୍ପ ଝଟକା । ଯାହାର ତୀବ୍ରତା ୪.୫ ଥିବା ଜଣାପଡିଛି । ଭୂମିକମ୍ପର ପ୍ରଭାବ ବିଶାଖାପାଟଣା ସହର ଏବଂ ଆଖପାଖ ଅଞ୍ଚଳରେ ସବୁଠାରୁ ଅଧିକ ଅନୁଭୂତ ହୋଇଥିଲା। ସହରର ଅନେକ ସ୍ଥାନରେ ଅନୁଭୂତ ହୋଇଛି । ଫଳରେ ଭୂକମ୍ପ ଭୟରେ ଲୋକମାନେ ହୋଇ ଘରୁ ବାହାରକୁ ଦୌଡ଼ି ଆସିଥିଲେ । ହେଲେ ଏପର୍ଯ୍ୟନ୍ତ କୌଣସି ମୃତାହତଙ୍କ ସୂଚନା ମିଳିନାହିଁ । ସୂଚନାନୁଯାୟୀ, ଆଜି ସକାଳେ ଆନ୍ଧ୍ରପ୍ରଦେଶ ଉପକୂଳରେ ବଙ୍ଗୋପସାଗରରେ ୪.୫ ତୀବ୍ରତାର ଏକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ବିଶାଖାପାଟଣା ସହରର ଅନେକ ସ୍ଥାନରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଓଘଉଙଂଓଝ ଅନୁଯାୟୀ, ଆଜି ସକାଳ ୫ଟା ୫ ମିନିଟ୍ ୪୬ ସେକେଣ୍ଡରେ ଏହି ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ବଙ୍ଗୋପସାଗରର କାକିନାଡା ଉପକୂଳରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ୧୬.୮୦୫ସ୍ପ ଉତ୍ତର ଅକ୍ଷାଂଶ ଏବଂ ୮୪.୩୮୧ସ୍ପ ପୂର୍ବ ଦ୍ରାଘିମାରେ ଥିଲା । ଭୂମିକମ୍ପ ଯୋଗୁଁ କୌଣସି ମୃତାହତ, ସମ୍ପତ୍ତି କ୍ଷତି କିମ୍ବା ଅନ୍ୟ କୌଣସି କ୍ଷତିର ରିପୋର୍ଟ ନାହିଁ । ଯାହା ବିଜ୍ଞପ୍ତିରେ କୁହାଯାଇଛି । ଭୂମିକମ୍ପଗୁଡ଼ିକ ମୃଦୁ ଥିଲା ବୋଲି ମଧ୍ୟ ଏହି ବିଜ୍ଞପ୍ତିରେ କୁହାଯାଇଛି ।

## ଷ୍ଟ୍ରିଟ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ, ୨ ମୃତ ଓ ୪ ଆହତ

ଟୋରଣ୍ଟୋ : କାନାଡର ଟୋରଣ୍ଟୋରେ ଏକ ଷ୍ଟ୍ରିଟ୍ ଫେଷ୍ଟିଭାଲ ସମୟରେ ଗୁଳିକାଣ୍ଡ ଘଟଣା ଘଟିଥିବା ସୂଚନା ମିଳୁଛି । ଏହି ଗୁଳିକାଣ୍ଡ ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି । ଯାହା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି । ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ସୂଚନାନୁଯାୟୀ, 'ସାଲସା ଅନ୍ ସେଣ୍ଟ କ୍ଲେୟାର' ଉତ୍ସବ ଚାଲିଥିଲା । ସେଣ୍ଟ କ୍ଲେୟାର ଆଭେନ୍ୟୁ ଓ୍ୱେଷ୍ଟ ଏବଂ ଆର୍ଲିଙ୍ଗଟନ୍ ଆଭେନ୍ୟୁ ନିକଟରେ ଗୁଳିକାଣ୍ଡ ପରେ ୬ ଜଣଙ୍କୁ ଗୁଳି ଲାଗିଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଲୋକମାନଙ୍କୁ ଗୁଳିକାଣ୍ଡ ଘଟିଥିବା ସ୍ଥାନଠାରୁ ଦୂରେଇ ରହିବାକୁ ଅଧିକାରୀ କହିଥିଲେ । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ପୋଲିସ ଏହା ମଧ୍ୟ କହିଛି ଯେ ସନ୍ଦିଗ୍ଧ କିମ୍ବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ଧରାଯାଇ ନାହିଁ । ଏହି ସମୟରେ, ଟୋରଣ୍ଟୋରେ ଲାଟିନୋ-ଥିମ୍ ସାଂସ୍କୃତିକ ମହୋତ୍ସବ 'ସାଲସା' ନିକଟରେ ଅଞ୍ଚଳରେ କଡ଼ା ପୋଲିସ ମୁତୟନ ରହିଛି ।

# ରାମ ମନ୍ଦିର ପ୍ରଶାସନରେ ବଡ଼ ପରିବର୍ତ୍ତନ

# ଅଯୋଧ୍ୟା ରାମ ମନ୍ଦିର ପାଇଁ ନିଯୁକ୍ତ ହେବେ ସିଇଓ !

ନୂଆଦିଲ୍ଲୀ: ରାମ ମନ୍ଦିର ପ୍ରଶାସନରେ ବଡ଼ ପରିବର୍ତ୍ତନ । ଅଯୋଧ୍ୟା ରାମ ମନ୍ଦିର ପାଇଁ ନିଯୁକ୍ତ ହେବେ ଉରଙ! । ଅଯୋଧ୍ୟା ଶ୍ରୀରାମ ଜନ୍ମଭୂମି ମନ୍ଦିରର ପରିଚାଳନାକୁ ଅଧିକ ବୃତ୍ତିଗତ ଏବଂ ସ୍ୱଚ୍ଛ କରିବା ଦିଗରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଏକ ବଡ଼ ପଦକ୍ଷେପ ନେଇଛି । ମନ୍ଦିର ପ୍ରଶାସନ ପାଇଁ ପ୍ରଥମ ଥର ପାଇଁ ସୃଷ୍ଟି କରାଯାଇଥିବା ମୁଖ୍ୟ ନିର୍ବାହୀ ଅଧିକାରୀ ପଦବୀ ପାଇଁ ଯୋଗ୍ୟତା ମାପଦଣ୍ଡ ଚୂଡ଼ାନ୍ତ ହୋଇଛି । ଏଥିପାଇଁ ଆସନ୍ତା ଜୁଲାଇ ୧୮ ତାରିଖ ସୁଦ୍ଧା ଆବେଦନ ପତ୍ର ଆହ୍ୱାନ କରାଯାଇଛି । ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ଚ୍ଚ କମିଟି ବୈଠକରେ ଏହି ପଦବୀ ପାଇଁ ଆବଶ୍ୟକ କଡ଼ା ନିୟମ ଓ ଯୋଗ୍ୟତା ସ୍ଥିର କରାଯାଇଛି। ଆବେଦନକାରୀ ଯେକୌଣସି ବିଷୟରେ ଗ୍ରାଜୁଏଟ୍ ହୋଇଥିବା ଆବଶ୍ୟକ ଏବଂ ପ୍ରଶାସନ କିମ୍ବା ଆର୍ଥିକ ପରିଚାଳନା କ୍ଷେତ୍ରରେ ଅତିକମରେ ୨୦ ବର୍ଷର କାର୍ଯ୍ୟାନୁଭବ ଥିବା ଦରକାର ।



ପୂର୍ବରୁ କୌଣସି ବଡ଼ ମନ୍ଦିର କିମ୍ବା ଧାର୍ମିକ ଅନୁଷ୍ଠାନର ପରିଚାଳନା ଭାର ସମ୍ଭାଳିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରାର୍ଥୀ ଜଣକ ସନାତନ ହିନ୍ଦୁ ଧର୍ମ ପ୍ରତି ଗଭୀର ବିଶ୍ୱାସ ରଖିଥିବା ସହ ପ୍ରଭୁ ଶ୍ରୀରାମଙ୍କର ଜଣେ ପରମ ଭକ୍ତ ହୋଇଥିବା ଆବଶ୍ୟକ । ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଏକ ୩ ଜଣିଆ ସର୍ଚ୍ଚ କମିଟି ଗଠନ କରାଯାଇଛି । ଏଥିରେ ଅବସରପ୍ରାପ୍ତ ବିଚାରପତି ପ୍ରଦୀପ କୋହଲି, ଲେଫ୍‌ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ବିଶ୍ୱକାନ୍ତ ଚତୁର୍ବେଦୀ ଏବଂ ଶିରିଡ଼ି ସାଇ ସଂସ୍ଥାନର ପୂର୍ବତନ ସିଇଓ ସୁରେଶ ହାୱାରେ ସାମିଲ ଅଛନ୍ତି । କମିଟି ଆବେଦନଗୁଡ଼ିକୁ ଯାଞ୍ଚ କରି ଶର୍ଟଲିଷ୍ଟ ପ୍ରସ୍ତୁତ କରିବ ଏବଂ ଇଣ୍ଟରଭ୍ୟୁ ପରେ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଟ୍ରଷ୍ଟକୁ ସୁପାରିଶ କରିବ । ଆବେଦନ ପାଇଁ ଏକ ସ୍ୱତନ୍ତ୍ର ଇମେଲ୍ ଆଇଡି ମଧ୍ୟ ଜାରି କରାଯାଉଛି । ନିଯୁକ୍ତ ହେବାକୁ ଥିବା ସିଇଓଙ୍କ ପ୍ରାଥମିକ କାର୍ଯ୍ୟକାଳ ୩ ବର୍ଷ ରହିବ ଏବଂ ତାଙ୍କୁ ଅଯୋଧ୍ୟାରେ ହିଁ ରହିବାକୁ ପଡ଼ିବ । ମନ୍ଦିରକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ, ଆର୍ଥିକ ସ୍ୱଚ୍ଛତା, ମାନବ ସମ୍ବଳ ପରିଚାଳନା, ଦାନ ସାମଗ୍ରୀର ସଠିକ୍ ହିସାବ ଏବଂ ବିପର୍ଯ୍ୟୟ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସିଇଓଙ୍କ ଉପରେ ନ୍ୟସ୍ତ ରହିବ । ନିକଟରେ ରାମ ମନ୍ଦିର ଟ୍ରଷ୍ଟରେ ଆର୍ଥିକ ଅନିୟମିତତାକୁ ନେଇ କିଛି ଅଭିଯୋଗ ଆସିବା ପରେ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସ ବଜାୟ ରଖିବା ପାଇଁ ଟ୍ରଷ୍ଟ ଏହି ବଡ଼ ସଂସ୍କାର ଆଣିଛି । ଏହା ପୂର୍ବରୁ କିଛି ବରିଷ୍ଠ ପଦାଧିକାରୀଙ୍କ ଇସ୍ତଫା ଗ୍ରହଣ କରାଯାଇ ସାରିଛି ଏବଂ କାର୍ଯ୍ୟ ସୁଚାରୁରୂପେ ଚଲାଇବା ପାଇଁ ଜଣେ ଅନ୍ତରୀଣ ସାଧାରଣ ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି । ଆଗାମୀ ଏକ ମାସ ମଧ୍ୟରେ ସିଇଓ ଚୟନ ପ୍ରକ୍ରିୟା ଶେଷ ହେବ ବୋଲି ଜଣାପଡ଼ିଛି । ଅନ୍ୟପଟେ ଏହି ସମ୍ବନ୍ଧିତ ଆବେଦନଗୁଡ଼ିକର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତାକାଲି ହେବାର କାର୍ଯ୍ୟସୂଚୀ ରହିଛି ।

## ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ୭୫୦ ଆପ୍ରେଣ୍ଟିସ୍ ପଦବି

ନୂଆଦିଲ୍ଲୀ: ଯଦି ଆପଣ ଗ୍ରାଜୁଏସନ୍ ଶେଷ କରିଛନ୍ତି ଏବଂ ବ୍ୟାଙ୍କରେ ଚାକିରି ପାଇଁ ପ୍ରସ୍ତୁତ ହେଉଛନ୍ତି, ତେବେ ଆପଣଙ୍କ ପାଇଁ ଏକ ଭଲ ଖବର ରହିଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ସାରା ଦେଶରେ ୭୫୦ଟି ଆପ୍ରେଣ୍ଟିସ୍ ପଦବିରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି। ଆବେଦନ ପ୍ରକ୍ରିୟା ୭ ଜୁଲାଇ ୨୦୨୬ରୁ ଆରମ୍ଭ ହୋଇସାରିଛି ଓ ଆଗ୍ରହୀ ପ୍ରାର୍ଥୀମାନେ ୨୦ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ କରିପାରିବେ। ଏହି ନିଯୁକ୍ତି ଅଭିଯାନ ମାଧ୍ୟମରେ ସମୁଦାୟ ୭୫୦ଟି ଆପ୍ରେଣ୍ଟିସ୍ ପଦବି ପୂରଣ କରାଯିବ। ଏଥିମଧ୍ୟରୁ ସବୁଠାରୁ ଅଧିକ ୨୦୦ଟି ପଦବି ତାମିଲନାଡୁରେ ରହିଛି। ଏହା ବ୍ୟତୀତ ଉତ୍ତର ପ୍ରଦେଶରେ ୧୧୦, ମହାରାଷ୍ଟ୍ରରେ ୮୫, ଦିଲ୍ଲୀରେ ୫୩ ଏବଂ ବିହାରରେ ୩୫ଟି ପଦବିରେ ନିଯୁକ୍ତି ହେବ। ବିଭିନ୍ନ ରାଜ୍ୟ ପାଇଁ ପଦବି ସଂଖ୍ୟା ଅଲଗା ଅଲଗା ସ୍ଥିର କରାଯାଇଛି। ଆବେଦନ କରୁଥିବା ପ୍ରାର୍ଥୀଙ୍କ ବୟସ କମରେ ୨୦ ବର୍ଷ ଏବଂ ସର୍ବାଧିକ ୨୮ ବର୍ଷ ହୋଇଥିବା ଆବଶ୍ୟକ। ବୟସର ଗଣନା ୧ ଜୁଲାଇ ୨୦୨୬କୁ ଆଧାର କରି କରାଯିବ।

## ପୁଣି ରଣକ୍ଷେତ୍ର ପାଲଟିଲା ମଧ୍ୟପ୍ରାଚ୍ୟ, ଆମେରିକା ଆକ୍ରମଣର ଜବାବ ଦେଉଛି ଇରାନ

କନକ ବ୍ୟୁରୋ : ପୁଣି ଡରାଉଛି ଯୁଦ୍ଧର ଘନଘଟା । ଆମେରିକା ସେନା ଇରାନର ବିଭିନ୍ନ ଠିକଣାକୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି। ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସେନା ଶିବିରକୁ ଟାର୍ଗେଟ କରି ଆଇଆରଜିସି ହମଲା କରୁଛି । ଏହାରି ଭିତରେ ପୁଣି ହର୍ମୁଜକୁ ବନ୍ଦ କରିଦେଇଛନ୍ତି ଇରାନ ସେନା। ହର୍ମୁଜରେ ମାଲବାହୀ ଜାହାଜ ଉପରେ ଇରାନ ସେନାର ଆକ୍ରମଣରେ ଜଣେ ଭାରତୀୟ ନିଖୋଜ ଥିବା ଖବର ମିଳିଛି । ଆକ୍ରମଣ-ପ୍ରତିଆକ୍ରମଣରେ ଥରୁଛି ପଶ୍ଚିମ ଏସିଆ। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ କମ୍ପୁଛି ସହର। ଆକାଶକୁ ଛୁଉଁଛି ନିଆଁ ଗୋଳା, କଳାଧୁଆଁରେ ପୋତି ହେଉଛି ଅଞ୍ଚଳ। ଆମେରିକା-ଇରାନ ସଂଘର୍ଷ ଭୟଙ୍କର ରୂପ ନେଇଛି। ହର୍ମୁଜ ଖୋଲିବାକୁ ୨୪ ଘଣ୍ଟାର କଣ୍ଟକୁ ଇରାନ ଅଣଦେଖା କରିବା ପରେ ଆକ୍ରମଣକୁ ଜୋରଦାର କରିଛି ଆମେରିକା। ଇରାନର ୧୨ ପ୍ରମୁଖ ସାମରିକ ଶିବିର ଓ ୭ ବଡ଼ ସହରକୁ ଟାର୍ଗେଟ୍ କରି ଘନ ଘନ ବୋମା, ଡ୍ରୋନ ଓ ମିଶାଇଲ ଆକ୍ରମଣ କରିଛି। ସେପଟେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଇରାନ ଟାର୍ଗେଟରେ। ଏକାଧିକ ଆକ୍ରମଣ କରିଛି ଇରାନ। ଜୋର୍ଡାନର ଏକ ଘାଟିରେ ଥିବା ୟୁଏସ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଏବଂ ଡ୍ରୋନ୍ ହ୍ୟାଙ୍ଗରକୁ ଧ୍ୱଂସ କରିଥିବା ଦାବି କରିଛି ଆଇଆରଜିସି। ପ୍ରଚଣ୍ଡ ଯୁଦ୍ଧ ଭିତରେ ପୁଣି ଥରେ ହର୍ମୁଜ ପ୍ରଣାଳୀ ବନ୍ଦ କରିବା ନେଇ ଇରାନରେ ମତଭେଦ ସାମ୍ନାକୁ ଆସିଛି। ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ ସେନା ହର୍ମୁଜକୁ ବନ୍ଦ କରିବା ସହ ପ୍ରତିଶୋଧ ନେବାକୁ କହୁଥିବା ବେଳେ ରାଷ୍ଟ୍ରପତି ପେଜେସକିୟାନ କଥାବାର୍ତ୍ତା ଜରିଆରେ ସମାଧାନ କଥା କହୁଛନ୍ତି । ସେପଟେ ମଧ୍ୟପ୍ରାଚ୍ୟ ସ୍ଥିତି ଆମେରିକୀୟ ଘାଟି ଉପରେ ଆକ୍ରମଣ ପରେ ଇରାନ ହର୍ମୁଜରେ ଦ୍ୱିତୀୟ ଜାହାଜ ଉପରେ ଆକ୍ରମଣ କରିଛି। ଓମାନ ତଟରେ ବାଣିଜ୍ୟ ଜାହାଜ ଜିଏଫସି ଗ୍ୟାଲେକ୍ସି ଉପରେ ଆକ୍ରମଣକୁ ନିନ୍ଦା କରିଛି ଭାରତର ବିଦେଶ ମନ୍ତ୍ରାଳୟ। ଜାହାଜରେ ୧୧ ଜଣ ଭାରତୀୟ ନାଗରିକଙ୍କୁ ମଧ୍ୟରୁ ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଉତ୍ତେଜନାକୁ ଆହୁରି ବଢାଇଛି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ। କହିଛନ୍ତି ତାଙ୍କୁ ହତ୍ୟା ଉଦ୍ୟମ କଲେ ଇରାନ ପାଇଁ ହଜାରେ କ୍ଷେପଣାସ୍ତ୍ର ପ୍ରସ୍ତୁତ ହୋଇ ରହିଛି ଓ ଏଥିପାଇଁ ସେନାକୁ ସଂପୂର୍ଣ୍ଣ ସ୍ୱାଧିନତା ଦିଆଯାଇଛି । ସେପଟେ ଇରାନ କହିଛି ଚୁକ୍ତିର ଖିଲାପ କଲେ ଭୟାନକ ଜବାବ ମିଳିବ ।


## ଷ୍ଟ୍ରିଟ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ, ୨ ମୃତ ଓ ୪ ଆହତ



ଟୋରଣ୍ଟୋ : କାନାଡର ଟୋରଣ୍ଟୋରେ ଏକ ଷ୍ଟ୍ରିଟ୍ ଫେଷ୍ଟିଭାଲ ସମୟରେ ଗୁଳିକାଣ୍ଡ ଘଟଣା ଘଟିଥିବା ସୂଚନା ମିଳୁଛି । ଏହି ଗୁଳିକାଣ୍ଡ ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି । ଯାହା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଦେଇଛି । ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ।

ସୂଚନାନୁଯାୟୀ, 'ସାଲସା ଅନ୍ ସେଣ୍ଟ କ୍ଲେୟାର' ଉତ୍ସବ ଚାଲିଥିଲା । ସେଣ୍ଟ କ୍ଲେୟାର ଆଭେନ୍ୟୁ ଓ୍ୱେଷ୍ଟ ଏବଂ ଆର୍ଲିଙ୍ଗଟନ୍ ଆଭେନ୍ୟୁ ନିକଟରେ ଗୁଳିକାଣ୍ଡ ପରେ ୬ ଜଣଙ୍କୁ ଗୁଳି ଲାଗିଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଲୋକମାନଙ୍କୁ ଗୁଳିକାଣ୍ଡ ଘଟିଥିବା ସ୍ଥାନଠାରୁ ଦୂରେଇ ରହିବାକୁ ଅଧିକାରୀ କହିଥିଲେ । ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ପୋଲିସ ଏହା ମଧ୍ୟ କହିଛି ଯେ ସନ୍ଦିଗ୍ଧ କିମ୍ବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଏପର୍ଯ୍ୟନ୍ତ ଧରାଯାଇ ନାହିଁ । ଏହି ସମୟରେ, ଟୋରଣ୍ଟୋରେ ଲାଟିନୋ-ଥିମ୍ ସାଂସ୍କୃତିକ ମହୋତ୍ସବ 'ସାଲସା' ନିକଟରେ ଅଞ୍ଚଳରେ କଡ଼ା ପୋଲିସ ମୁତୟନ ରହିଛି ।


## ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଫିନଲ୍ୟାଣ୍ଡରେ ଗତ ଦୁଇ ମାସ ହେଲା ନିଖୋଜ ଥିବା ହାଇଦ୍ରାବାଦର ଜଣେ ୧୮ ବର୍ଷୀୟ ଛାତ୍ରଙ୍କ ମୃତଦେହ ସମୁଦ୍ରରୁ ଉଦ୍ଧାର ହୋଇଛି। ମୃତଦେହ ଉଦ୍ଧାର ହେବା ପରେ ଛାତ୍ରଙ୍କ ପରିବାର ଏହାକୁ ସନ୍ଦେହଜନକ ଘଟଣା ବୋଲି କହି ତଦନ୍ତ ଦାବି କରିଛନ୍ତି। ମୃତ ଛାତ୍ରଙ୍କ ନାମ ମନିଦୀପ୍ ରେଡ୍ଡୀ ବୋଲି ଜଣାପଡ଼ିଛି। ତାଙ୍କୁ ଶେଷ ଥର ପାଇଁ ମେ ୫ ତାରିଖରେ ହେଲସିଙ୍କିର ଏକ ମଲ୍ ?ରେ ଦେଖିବାକୁ ମିଳିଥିଲା। ମନ୍ ?ଦୀପଙ୍କ ପାରବାରିକ ଓକିଲ କହିଛନ୍ତି, ରେଡ୍ଡୀଙ୍କ ମୃତ ଶରୀର ଶନିବାର ସମୁଦ୍ରରୁ ଉଦ୍ଧାର କରାଯାଇଛି। ରେଡ୍ଡୀ ଫିନଲ୍ୟାଣ୍ଡର ଲାପେନରାଣ୍ଟା-ଲାହତି ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟି (ଏଲ୍ ?ୟୁଟି) ଲାହତି କ୍ୟାମ୍ପସରେ ସଫ୍‌ଟଓ୍ୱେର୍ ? ଓ ସିଷ୍ଟମ୍ ? ଇଞ୍ଜିନିୟରିଂରେ ସ୍ନାତକ କରୁଥିଲେ। ମନଦୀପ୍ ?ଙ୍କ ବାପା ଜି ମୁଥ୍ୟମ୍ ? ରେଡ୍ଡୀ ମଧ୍ୟ କହିଛନ୍ତି ଯେ, ସେ ଶେଷଥର ପାଇଁ ମେ ୫ ତାରିଖରେ ତାଙ୍କ ପୁଅ ସହିତ କଥା ହୋଇଥିଲେ।

# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ସ୍ଥିତି, ଇରାନ ବନ୍ଦ କଲା ହର୍ମୁଜ ପ୍ରଣାଳୀ

ଆମେରିକା : ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ ସ୍ଥିତି । ଇରାନ ବନ୍ଦ କଲା ହର୍ମୁଜ ପ୍ରଣାଳୀ । ଆମେରିକାର ଘନ ଘନ ଏୟାରଷ୍ଟ୍ରାଇକ୍ । ମଧ୍ୟପ୍ରାଚ୍ୟରେ ସ୍ଥିତି ପୁଣି ଥରେ ଗମ୍ଭୀର ରୂପ ଧାରଣ କରିଛି । ବିଶ୍ୱ ବାଣିଜ୍ୟର ପ୍ରମୁଖ ଜଳପଥ ହର୍ମୁଜ ପ୍ରଣାଳୀକୁ ଇରାନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି । ଏହି ସାମରିକ ତିକ୍ତତା ମଧ୍ୟରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ ଚଳିତ ସପ୍ତାହରେ ଇରାନ ଉପରେ ତୃତୀୟ ପର୍ଯ୍ୟାୟ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିଥିବା ସୂଚନା ମିଳିଛି । ଇରାନର ଓଜଏଉ ଦାବି କରିଛି ଯେ, ଏକ ସାଇପ୍ରସ ପତାକାଧାରୀ ବାଣିଜ୍ୟିକ ଜାହାଜ ନିଜର ଟ୍ରାକିଂ ସିଷ୍ଟମ ବନ୍ଦ କରି ନିର୍ଦ୍ଧାରିତ ରୁଟ୍ ରୁ ଅଲଗା ରାସ୍ତାରେ ଯାଉଥିଲା । ବାରମ୍ବାର ଚେତାବନୀ ସତ୍ତ୍ୱେ ନ ମାନିବାରୁ ଜାହାଜ ଉପରେ କ୍ରୁଜ୍ ମିସାଇଲ ମାଡ଼ କରାଯାଇଛି । ଆକ୍ରମଣର ଶିକାର ହୋଇଥିବା ଗଠ ଏରଝ ଏବକ୍ଷବଙ୍ଘଙ୍ଛ



ଜାହାଜର ଇଞ୍ଜିନ ରୁମ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବ୍ରିଟେନର ମାରିଟାଇମ୍ ଟ୍ରେଡ୍ ଅପରେସନ୍ସ ଅନୁଯାୟୀ, ଜାହାଜରେ ନିଆଁ ଲାଗିବା ଯୋଗୁଁ କର୍ମଚାରୀମାନେ ଲାଇଫ୍ ବୋଟ୍ ସାହାଯ୍ୟରେ ଜାହାଜ ଛାଡ଼ି ପଳାଇଛନ୍ତି । ତେବେ ଜଣେ ସାଧାରଣ କର୍ମଚାରୀ ଏବେ ବି ନିଖୋଜ ଅଛନ୍ତି । ଜାହାଜ ଉପରେ ଆକ୍ରମଣ ପରେ ଆମେରିକା ସେନା ଇରାନର ଆଡ୍ଡାଗୁଡ଼ିକ ଉପରେ ଜୋରଦାର ପାଲଟା ଆକ୍ରମଣ କରିଛି । ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଢରେ ଏକ ପୋଷ୍ଟ ସେୟାର କରି କହିଛନ୍ତି, ଇରାନ ଭୁଲ ନିଷ୍ପତ୍ତି ନେଇଛି । ଏବେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିବ । ଚଳିତ ସପ୍ତାହ ଆରମ୍ଭରେ ୩ଟି ବାଣିଜ୍ୟିକ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଥିଲା, ଯାହା ପରେ ଆମେରିକା ଓ ଇରାନ ମଧ୍ୟରେ ସାମରିକ ଲଢ଼େଇ ଆରମ୍ଭ ହୋଇଯାଇଥିଲା । ଇରାନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆମେରିକାର ପୂର୍ବ ଆକ୍ରମଣରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୧୫ ଜଣ ଆହତ ହୋଇଛନ୍ତି। ଏହାର ଜବାବରେ ଇରାନ ମଧ୍ୟ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସହଯୋଗୀ ଦେଶଗୁଡ଼ିକୁ ଟାର୍ଗେଟ କରିଛି । ଇରାନ ଚେତାବନୀ ଦେଇଛି ଯେ, ହର୍ମୁଜ ପ୍ରଣାଳୀ ବନ୍ଦ ହେବା ପରେ ଯଦି ଆମେରିକା କୌଣସି ପ୍ରକାର ଆକ୍ରମଣାତ୍ମକ ପଦକ୍ଷେପ ନିଏ, ତେବେ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରିଦିଆଯିବ । ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ୟାକ-ଚ୍ୟାନେଲ ଆଲୋଚନା ଜାରି ରଖିଥିବା ବେଳେ, ଇରାନର ଏହି ଆକ୍ରମଣ ଯୋଗୁଁ ପୂର୍ବରୁ ହୋଇଥିବା ସମସ୍ତ ଅସ୍ତ୍ରବିରତି ଚୁକ୍ତି ଶେଷ ହୋଇଯାଇଛି ବୋଲି ସ୍ପଷ୍ଟ କରିଛନ୍ତି। ସୂତ୍ର ଅନୁସାରେ, ଇରାନ ଏହି ଆକ୍ରମଣକୁ ବେଆଇନ ଆଭ୍ୟନ୍ତରୀଣ ଗ୍ରୁପ୍ ର 'ଭୁଲ୍' ବୋଲି ଦର୍ଶାଇ ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଯୁଦ୍ଧ ପରିସ୍ଥିତି ଟଳିନାହିଁ ।

# ଇଂଲଣ୍ଡରେ ଭାରତର ଲଜ୍ଜାଜନକ ପରାଜୟ

ନୂଆଦିଲ୍ଲୀ, ୧୨।୦୭; ପ୍ରଥମେ ଆୟର୍ଲଣ୍ଡଠାରୁ ୨-୦ରେ ହ୍ୱାଇଟୱାସ୍ । ଏବେ ଇଂଲଣ୍ଡଠାରୁ ୪-୦ରେ ଟି-ଟ୍ୱେଣ୍ଟି ସିରିଜ ହରାଇଲା ଭାରତ । ବ୍ୟାକ୍ ଟୁ ବ୍ୟାକ୍ ପରାଜୟ ଛଡାଇ ନେଲା ନମ୍ବର ୱାନ୍ ମୁକୁଟ । ଘରୋଇ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପଞ୍ଚମ ଟି-ଟ୍ୱେଣ୍ଟି ମ୍ୟାଚ ହରାଛି ଶ୍ରେୟସ ବାହିନୀ । ଏହି ପରାଜୟ ସହିତ ଆଇସିସି ଟି-ଟ୍ୱେଣ୍ଟି ରାଙ୍କିଙ୍ଗର ପ୍ରଥମ ସ୍ଥାନ ହରାଇଛି ଭାରତ । ୫୪ ମାସ ପରେ ପ୍ରଥମ ସ୍ଥାନ ହରାଇଛି । ୧୬୦୫ ଦିନର ରାଜୁତି ସରିଛି । ଦମଦାର ସିରିଜ ବିଜୟ ସହ ନମ୍ବର ୱାନ୍ ଟି-ଟ୍ୱେଣ୍ଟି ଟିମ୍ ହୋଇଛି ଇଂଲଣ୍ଡ । ୨୬୮ ରେଟିଂ ସହ ୧୦୧୮୬ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛି ବ୍ରିଟିଶ୍ ବାହିନୀ ।

ଗତ ତିନି ବର୍ଷ ଧରି, ଟିମ୍ ଇଣ୍ଡିଆ ଆଇସିସି ଟି୨୦ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ବଜାୟ ରଖିଥିଲା । ଏହା କ୍ରମାଗତ ଦୁଇଟି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ଏବଂ ଏହି ସମୟ ମଧ୍ୟରେ ସିରିଜ୍ ମୁକ୍ତ ରହିବା ଯୋଗୁଁ ଏହି ସଫଳତା ମିଳିଥିଲା । ଭାରତୀୟ ଦଳ ଉଲ୍ଲେଖନୀୟ ଭାବରେ ଭଲ ଅଗ୍ରଗତି କରିଥିଲା, ଗୋଟିଏ ବି ମ୍ୟାଚ୍ ନହାରି ୧୬-୧୭ ଲଗାତାର ଟି୨୦ ସିରିଜ୍ ଏବଂ ଟୁର୍ଣ୍ଣାମେଣ୍ଟ ଜିତିଥିଲା ଏବଂ ରାଙ୍କିଙ୍ଗରେ ନିଜର ପ୍ରାଧାନ୍ୟ ବଜାୟ ରଖିଥିଲା । ହେଲେ ଆୟର୍ଲାଣ୍ଡ-ଇଂଲଣ୍ଡ ଗସ୍ତ ସମୟରେ କାହାଣୀ ବଦଳି ଯାଇଛି । ବର୍ତ୍ତମାନ ଭାରତ ତା'ର ମୁକୁଟ ହରାଇଛି ।

ଆୟର୍ଲାଣ୍ଡ ଏବଂ ଇଂଲଣ୍ଡରେ ଶକ୍ତି ହରାଇଥିଲା- ୨୦୨୨ ଫେବୃଆରୀରେ ନମ୍ବର ୱାନ୍ ହୋଇଥିବା ଟିମ୍ ଇଣ୍ଡିଆ ସେବେଠାରୁ ତାର ସ୍ଥାନ ବଜାୟ ରଖିଥିଲା । ଏହି ମୁକୁଟ ଉପରେ ପ୍ରଥମ ଆକ୍ରମଣ ଆୟର୍ଲାଣ୍ଡରେ ହୋଇଥିଲା, ଯେତେବେଳେ ଆୟୋଜକ ଦଳ ୨-୦ରେ ସିରିଜ୍ ଜିତି ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା । ଇଂଲଣ୍ଡ ତା'ପରେ ସବୁଠାରୁ ଭୟଙ୍କର ଝଟକା ଦେଇଥିଲା, ଲଗାତାର ୪ଟି ମ୍ୟାଚ୍ ମଧ୍ୟରୁ ୩ରେ ଜିତି ଟିମ୍ ଇଣ୍ଡିଆର ମନୋବଳକୁ ଭାଙ୍ଗି ଦେଇଥିଲା । ଅନ୍ତିମ ମ୍ୟାଚରେ ଟିମ୍ ଇଣ୍ଡିଆ ନିଜର ସମ୍ମାନ ଏବଂ ନମ୍ବର ୱାନ୍ ସ୍ଥାନ ରକ୍ଷା କରିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା । ଏହା ପୂର୍ବରୁ ମଧ୍ୟ ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ ଖୋଲାଖୋଲି ଭାବରେ ନିଜର ଇଚ୍ଛା ପ୍ରକାଶ କରି କହିଥିଲେ ଯେ, ଫାଇନାଲ ମ୍ୟାଚ୍ ଜିତି ଇଂଲଣ୍ଡକୁ ରାଙ୍କିଙ୍ଗର ଶୀର୍ଷ ସ୍ଥାନରେ ପହଞ୍ଚାଇବା ସବୁଠାରୁ ସ୍ୱତନ୍ତ୍ର ହେବ । ଆଉ ତାହି ହି ହେଲା । ଭାରତ ମ୍ୟାଚ୍ ହାରିଲା ଆଇସିସି ଟି-ଟ୍ୱେଣ୍ଟି ରାଙ୍କିଙ୍ଗରେ ପ୍ରଥମ ସ୍ଥାନ ବି ହରାଇଲା ।ପଞ୍ଚମ ଟି-ଟ୍ୱେଣ୍ଟି ମ୍ୟାଚ୍ ବାବଦରେ କହିବାକୁ ଗଲେ, ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୩ ୱିକେଟ୍ ବିନିମୟରେ ୨୫୭ ରନ ସଂଗ୍ରହ କରିଥିଲା । ଜବାବରେ ଭାରତ ୮ ୱିକେଟ୍ ହରାଇ ୨୦୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଶତକୀୟ ଇନିଂସ୍ ଖେଳି ଦଳକୁ ଜିତାଇଥିବା ଜୋସ ବଟଲର ପ୍ଲେୟାର ଅଫ୍ ଦ ମ୍ୟାଚ୍ ଏବଂ ହ୍ୟାରୀ ବ୍ରୁକ୍ ପ୍ଲେୟାର ଅଫ୍ ଦ ସିରିଜ ବିବେଚିତ ହୋଇଥିଲେ । ଭାରତ ବିପକ୍ଷରେ ଘରୋଇ ଇଂଲଣ୍ଡ ୪-୦ରେ ଟି-ଟ୍ୱେଣ୍ଟି ସିରିଜ ବିଜୟୀ ହୋଇଛି । ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଭାରତ ପାଇଁ ମହଙ୍ଗା ପଡିଥିଲା । ଜୋସ ବଟଲର ଓ ହ୍ୟାରୀ ବ୍ରୁକ୍ ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରିଥିଲେ । ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଇଂଲଣ୍ଡ ଦଳ ୫୬ରନ୍‌ରେ ଭାରତକୁ ପରାସ୍ତ କରିଥିଲା । ସିରିଜର ଶେଷ ମ୍ୟାଚ୍ ପୂର୍ବରୁ, ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ କହିଥିଲେ ଯେ ଭାରତକୁ ୪-୦ରେ ପରାସ୍ତ କରିବା ସ୍ୱତନ୍ତ୍ର ହେବ, କିନ୍ତୁ ନମ୍ବର ୧ ରାଙ୍କିଂ ହାସଲ କରିବା ଆହୁରି ସ୍ୱତନ୍ତ୍ର ହେବ । ବ୍ରୁକ୍ ନିଜେ ତାଙ୍କ ବ୍ୟାଟିଂ ଦ୍ୱାରା ଏହି କଥାକୁ ପ୍ରମାଣିତ କରିଥିଲେ ।




## ଇଂଲଣ୍ଡ ଦିନିକିଆ ଦଳରୁ ହର୍ଷିତ ବାଦ୍

ମୁମ୍ବାଇ: ବିସିସିଆଇ ରବିବାର ଆଗାମୀ ଇଂଲଣ୍ଡ ଓ ଜିମ୍ବାୱେ ବିପକ୍ଷ ଭାରତୀୟ ଦଳରେ ୨ଟି ପରିବର୍ତ୍ତନ କରିଛି । ଆହତ ଜନିତ କାରଣ ପାଇଁ ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦଳରୁ ବାଦ୍ ପଡିଛନ୍ତି । ଇଂଲଣ୍ଡ ବିପକ୍ଷ ଦିନିକିଆ ଦଳରେ ହର୍ଷିତଙ୍କ ସ୍ଥାନରେ ଦ୍ରୁତ ବୋଲର ପ୍ରିନ୍ସ ଯାଦବଙ୍କୁ ସାମିଲ କରାଯାଇଛି । ସେହିଭଳି ଜିମ୍ବାୱେ ଗସ୍ତ ଭାରତୀୟ ଦଳରେ ବରୁଣଙ୍କ ସ୍ଥାନରେ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି । ଜିମ୍ବାୱେ ଗସ୍ତରେ ଭାରତ ଘରୋଇ ଦଳ ବିପକ୍ଷରେ ୩ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିବ । ବରୁଣ ସଂପ୍ରତି ବେଙ୍ଗାଲୁରୁ ବିସିସିଆଇର ଉତ୍କର୍ଷ କେନ୍ଦ୍ର (ସିଓଇ)ରେ ଚିକିତ୍ସିତ ହେଉଥିଲା ବେଳେ ହର୍ଷିତ ତାଙ୍କ ସହ ଆଗାମୀ ଦିନରେ ଯୋଗ ଦେବେ ।

## ଶେଷ ମୁହୂର୍ତ୍ତରେ ପଲଟିଲା ବାଜି

# ସ୍ୱିଜରଲ୍ୟାଣ୍ଡକୁ ହରାଇ ସେମିଫାଇନାଲରେ ଆର୍ଜେଣ୍ଟିନା

ନୂଆଦିଲ୍ଲୀ, ୧୨।୦୭; ଆର୍ଜେଣ୍ଟିନା ଲିଓନେଲ୍ ମେସିଙ୍କ କ୍ୟାପ୍‌ଟେନ୍ସିରେ ଫିଫା ବିଶ୍ୱକପ ୨୦୨୨ ଜିତିଥିଲା । ଏବେ ମେସିଙ୍କ ଆର୍ଜେଣ୍ଟିନା ଦଳ ଚଳିତ ବିଶ୍ୱକପରେ ବି ଦମଦାର ପ୍ରଦର୍ଶନ କରିଛନି । କ୍ୱାର୍ଟରରେ ସ୍ୱିଜରଲ୍ୟାଣ୍ଡକୁ ୩-୧ ଗୋଲରେ ହରାଇ ସେମି ଟିକେଟ୍ ହାସଲ କରିଛି । ଲିଓନେଲ୍ ମେସି ଗୋଲ୍ ଦେଇନାହାନ୍ତି ସତ କିନ୍ତୁ ବିଶ୍ୱ ରେକର୍ଡ କରିଛନ୍ତି । ମେସିଙ୍କ ଆସିଷ୍ଟରେ ଆର୍ଜେଣ୍ଟିନା ପ୍ରଥମ ଗୋଲ ସ୍କୋର କରିଥିଲା । ଫିଫା ବିଶ୍ୱକପ୍ କ୍ୟାରିୟରରେ ମେସିଙ୍କ ୧୦ମ ସହାୟତା ଯାହା ଏକ ରେକର୍ଡ । ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ସେମାନଙ୍କର ୧-୦ ଅଗ୍ରଣୀ ବଜାୟ ରଖିଥିଲା । ଜୁଲାଇ ୧୬ ତାରିଖରେ ସେମିଫାଇନାଲରେ ଆର୍ଜେଣ୍ଟିନା ଇଂଲଣ୍ଡକୁ ଭେଟିବ । ଜୁଲାଇ ୧୫ ତାରିଖରେ ପ୍ରଥମ ସେମିଫାଇନାଲ ଖେଳାଯିବ । ସ୍ପେନ୍ ଓ ଫ୍ରାନ୍ସ ମୁହାଁମୁହିଁ ହେବେ ।

ଏକ୍ସଟ୍ରା ଟାଇମ୍‌କୁ ଗଲା ମ୍ୟାଚ୍, ବାଜି ମାରିଲା ଆର୍ଜେଣ୍ଟିନା- ନିର୍ଦ୍ଧାରିତ ସମୟ ଶେଷରେ ଆର୍ଜେଣ୍ଟିନା - ସ୍ୱିଜରଲ୍ୟାଣ୍ଡ ମ୍ୟାଚ୍ ୧-୧ ଗୋଲରେ ଡ୍ର ଥିଲା, ଯାହା ଫଳରେ ଅତିରିକ୍ତ ସମୟକୁ ଯାଇଥିଲା ମ୍ୟାଚ୍ । ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ, ବଦଳ ଖେଳାଳି ଜୁଲିଆନ ଆଲଭାରେଜ୍ ଜୋଶ୍ ଲୋପେଜଙ୍କ ପାସରେ ଗୋଲ ଦେଇ ଆର୍ଜେଣ୍ଟିନାକୁ ୨-୧ରେ ଆଗୁଆ କରିଥିଲେ । ଆଲଭାରେଜ୍ ୧୧୨ତମ ମିନିଟରେ ଗୋଲ ଦେଇଥିଲା । ଏହା ପରେ ଇଞ୍ଜୁରୀ ଟାଇମରେ (୧୨୦+୧ ମିନିଟରେ) ଲୌଟାରୋ ମାର୍ଟିନେଜ୍ ଗୋଲ ଦେଇ ସ୍କୋରକୁ ୩-୧ କରିଥିଲେ । ଲୌଟାରୋ ବଦଳ ଖେଳାଳି ଭାବେ ଆସିଥିଲେ । ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ୍ ମେସି ଗୋଲ ଦେଇନଥିଲେ ବି ୧୦ତମ ମିନିଟରେ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟରଙ୍କୁ ସହାୟତା କରିଥିଲେ । ଆର୍ଜେଣ୍ଟିନା ଭଲ ଆରମ୍ଭ କରିଥିଲା । ୧୦ମିନିଟରେ ପ୍ରଥମ ଗୋଲ ଦେଇଥିଲେ, ଯାହା ଚଳିତ ବିଶ୍ୱକପରେ ଦଳର ଦ୍ରୁତତମ ଗୋଲ୍ ଥିଲା । ହାଫ୍ ଟାଇମ୍ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ୧-୦ରେ ଆଗୁଆ ଥିଲା । ସ୍ୱିଜରଲ୍ୟାଣ୍ଡ ଗୋଲ ପରିଶୋଧ ପାଇଁ ସଂଘର୍ଷ କରୁଥିଲା । ଦ୍ୱିତୀୟାର୍ଦ୍ଧରେ ଡାନ୍ ଣ୍ଡୋଏ ରିକାର୍ଡୋ ଏକ ଚମତ୍କାର ପାସରେ ଗୋଲ ଦେଇ ସ୍ୱିଜରଲ୍ୟାଣ୍ଡକୁ ୧-୧ ଗୋଲରେ ଡ୍ର କରିଥିଲେ ।

ମେସି ଇତିହାସ ରଚିଲେ- ଏହି ବିଜୟରେ ଲିଓନେଲ୍ ମେସି କୌଣସି ଗୋଲ ଦେଇପାରିନଥିଲେ ମଧ୍ୟ ସେ ଏକ ଆସିଷ୍ଟ ଦେଇ ଇତିହାସ ରଚିଛନ୍ତି । ଲିଓନେଲ ମେସି ଫିଫା ବିଶ୍ୱକପରେ ୧୦ଟି ଆସିଷ୍ଟ ଦେଇଥିବା ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି । ଲିଓନେଲ ମେସି ଫିଫା ବିଶ୍ୱକପ୍ ୨୦୨୬ରେ ତାଙ୍କର ଦ୍ୱିତୀୟ ସହାୟତା କରିଥିଲେ, ଯାହା ଟୁର୍ଣ୍ଣାମେଣ୍ଟରେ ତାଙ୍କର ଗୋଲ ସଂଖ୍ୟା ୮ ଏବଂ ୨ଟି ଆସିଷ୍ଟକୁ ବୃଦ୍ଧି କରିଥିଲା । ମେସି ଏହି ବିଶ୍ୱକପରେ ଗୋଲଡେନ୍ ବୁଟ୍ ଜିତିବା ପାଇଁ ଆଗକୁ ବଢ଼ିବେ । ତଥାପି, ଫ୍ରାନ୍ସର କାଇଲିଆନ୍ ଏମବାପେ ୮ଟି ଗୋଲ ଏବଂ ୩ଟି ଆସିଷ୍ଟ ସହିତ ସମାନ, ଯାହା ଗୋଲଡେନ୍ ବୁଟ୍ ଦୌଡ଼କୁ ବେଶ୍ ଆକର୍ଷଣୀୟ କରିଛି ।



## ଜିମ୍ବାୱେ ବିପକ୍ଷ ଦଳରେ ଏକାଧିକ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୨।୭; ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ ହାରିଛି ଭାରତ । ଜୁନ୍ ୧୪ରୁ ଇଂଲଣ୍ଡ ବିପକ୍ଷରେ ଦିନିକିଆ ସିରିଜ ଖେଳିବ ଭାରତ । ଏହା ପରେ ଜିମ୍ବାୱେ ବିପକ୍ଷରେ ଟି-ଟ୍ୱେଣ୍ଟି ସିରିଜ ଖେଳିବ ଟିମ୍ ଇଣ୍ଡିଆ । ଲଗାତାର ୨ଟି ଟି-ଟ୍ୱେଣ୍ଟି ସିରିଜ ହାରିବା ପରେ ଟିମ୍ ଇଣ୍ଡିଆରେ ୨ଟି ପରିବର୍ତ୍ତନ ହୋଇଛି । ହର୍ଷିତ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀଙ୍କୁ ଭାରତର ଆଗାମୀ ସିରିଜରୁ ବାଦ ଦିଆଯାଇଛି । ସେମାନଙ୍କ ରିପ୍ଲେସ୍‌ମେଣ୍ଟ ପ୍ଲେୟାର ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ । ଇଂଲଣ୍ଡ ଦିନିକିଆ ସିରିଜ ପାଇଁ ରାଣାଙ୍କ ସ୍ଥାନରେ ପ୍ରିନ୍ସ ଯାଦବଙ୍କୁ ସ୍ଥାନ ଦିଆଯାଇଛି । ରବି ବିଷ୍ଣୋଇ ଜିମ୍ବାୱେ ବିପକ୍ଷରେ ବରୁଣ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ଟି-ଟ୍ୱେଣ୍ଟି ସିରିଜ ଖେଳିବେ ।

ଭାରତୀୟ ଦ୍ରୁତ ବୋଲର ହର୍ଷିତ ରାଣା ଏବଂ ବରୁଣ ଚକ୍ରବର୍ତ୍ତୀ ଆଘାତ ପାଇଁ ଆଗାମୀ ଇଂଲଣ୍ଡ ବିପକ୍ଷ ଦିନିକିଆ ଏବଂ ଜିମ୍ବାୱେ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରୁ ବାଦ ପଡିଛନ୍ତି । ଦୁହିଁଙ୍କ ସ୍ଥାନରେ ଯଥାକ୍ରମେ ପ୍ରିନ୍ସ ଯାଦବ ଏବଂ ରବି ବିଷ୍ଣୋଇଙ୍କୁ ଦଳରେ ସାମିଲ କରାଯାଇଛି । ଇଂଲଣ୍ଡ ବିପକ୍ଷ ପଞ୍ଚମ ଟି-ଟ୍ୱେଣ୍ଟି ମ୍ୟାଚରେ ପ୍ରିନ୍ସ ଯାଦବ ୬୦ ରନ୍ ଦେଇଥିଲେ । ସେହିପରି ଇଂଲଣ୍ଡ ବିପକ୍ଷ ଦିନିକା ସିରିଜ ପାଇଁ ରାଜକୁମାର ଯାଦବଙ୍କୁ ଚୟନ କରିଛି ବିସିସିଆଇ । ପ୍ରିନ୍ସ ଯାଦବ ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷରେ ଟି-୨୦ ସିରିଜରେ ଟିମ୍ ଇଣ୍ଡିଆ ପାଇଁ ତାଙ୍କର ଟି-୨୦ ଆନ୍ତର୍ଜାତୀୟ ଡେବ୍ୟୁ କରିଥିଲେ । ସେ ଆଫଗାନିସ୍ତାନ ବିପକ୍ଷରେ ଏକଦିବସୀୟ ସିରିଜରେ ମଧ୍ୟ ତାଙ୍କର ଡେବ୍ୟୁ କରିଥିଲେ । ବର୍ତ୍ତମାନ ବିସିସିଆଇ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳରେ ସାମିଲ କରିଛନ୍ତି ।

ଜିମ୍ବାୱେ ଗସ୍ତ ପାଇଁ ରବି ବିଷ୍ଣୋଇଙ୍କ ପ୍ରତ୍ୟାବର୍ତ୍ତନ ଭାରତର ସ୍ପିନ୍ ବୋଲିଂ ଆକ୍ରମଣକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି । ଜିମ୍ବାୱେ ଗସ୍ତରେ ଶ୍ରେୟସ ଆୟର ଭାରତୀୟ ଦଳର ନେତୃତ୍ୱ ନେବେ । ତିଲକ ବର୍ମାଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯିବ । ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଶୁଭମନ ଗିଲ୍ ଭାରତୀୟ ଦଳର ଅଧିନାୟକ ହେବେ । ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମରା, କୁଳଦୀପ ଯାଦବ ଏବଂ କେଏଲ ରାହୁଲଙ୍କ ପରି ଷ୍ଟାର ଖେଳାଳି ଦିନିକିଆ ଦଳରେ ସାମିଲ ଅଛନ୍ତି ।

ଭାରତୀୟ ଦିନିକିଆ ଦଳ-: ଶୁଭମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେ.ଏଲ୍ ରାହୁଲ (ୱିକେଟ୍ କିପର), ଇଶାନ କିଶନ (ୱିକେଟ୍ କିପର), ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ଶିବମ ଦୁବେ, କୁଳଦୀପ ଯାଦବ, ଯଶପ୍ରୀତ ବୁମରା, ପ୍ରିନ୍ସ ଯାଦବ ।

ଜିମ୍ବାୱେ ପାଇଁ ଭାରତୀୟ ଟି-ଟ୍ୱେଣ୍ଟି ଦଳ- ଶ୍ରେୟସ ଆୟର୍ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ତିଲକ ଭର୍ମା (ଉପ-ଅଧିନାୟକ), ଇଶାନ୍ କିଶାନ୍ (ୱିକେଟ୍ ରକ୍ଷକ), ଶିବମ୍ ଦୁବେ, ରିଙ୍କୁ ସିଂହ, ସୂୟଶଂ ଶେଜ୍, ହର୍ଷ ଦୁବେ, ରାଜକୁମାର ଯାଦବ, ରବି ବିଷ୍ଣୋଇ, ଯଶବ ସିଂ (ୱିକେଟକିପର) ।

# ନରୱେର ବିଶ୍ୱକପ୍ ସ୍ୱପ୍ନ ଭାଙ୍ଗିଦେଲା ଇଂଲଣ୍ଡ

ନୂଆଦିଲ୍ଲୀ, ୧୨।୭: ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ଏକ ରୋମାଞ୍ଚକର ମ୍ୟାଚ୍‌ରେ ନରୱେକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ଉଭୟ ଦଳ ସମ୍ପୂର୍ଣ୍ଣ ୯୦ ମିନିଟ୍ ପର୍ଯ୍ୟନ୍ତ ୧-୧ରେ ବରାବର ରହିଥିଲେ, ଯାହା ପରେ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା । ଜୁଡ୍ ବେଲିଂହାମ୍ ଇଂଲଣ୍ଡର ଦ୍ୱିତୀୟ ଗୋଲ କରି ଏକ ସ୍ମରଣୀୟ ବିଜୟ ହାସଲ କରିଥିଲେ । ନରୱେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା । ଏର୍ଲିଙ୍ଗ୍ ହାଲାଣ୍ଡ ସବୁଠାରୁ ପ୍ରଭାବଶାଳୀ ଷ୍ଟ୍ରାଇକରମାନଙ୍କ ମଧ୍ୟରୁ ଜଣେ ଥିଲେ, ସାତଟି ଗୋଲ ସ୍କୋର କରିଥିଲେ । କିନ୍ତୁ ଶେଷରେ ଇଂଲଣ୍ଡର ଅଭିଜ୍ଞତା ଏବଂ ଏହାର ବରିଷ୍ଠ ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟଧିକ ପ୍ରମାଣିତ ହୋଇଥିଲା ।

ନରୱେ ପ୍ରଥମ ମିନିଟ୍‌ରେ ଇଂଲଣ୍ଡ ଉପରେ ନିରନ୍ତର ଚାପ ପ୍ରୟୋଗ କରିଥିଲା । ଏହା ୩୬ତମ ମିନିଟ୍‌ରେ ସଫଳ ହୋଇଥିଲା ଯେତେବେଳେ ଆଣ୍ଡ୍ରିଆସ୍ ସ୍କଲ୍ଡରପ୍ ଏକ ଚମତ୍କାର ଫିନିସିଂ ସହିତ ଗୋଲ କରି ତାଙ୍କ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ । ପ୍ରଥମାର୍ଦ୍ଧରେ ନରୱେର ପ୍ରତିରକ୍ଷା ମଧ୍ୟ ଦୃଢ଼ ଦେଖାଯାଉଥିଲା । ଅନେକ ଇଂଲିଶ ଆକ୍ରମଣକୁ ପ୍ରତିହତ କରିଥିଲା । ତଥାପି, ପ୍ରଥମାର୍ଦ୍ଧ ପରେ ଅତିରିକ୍ତ ସମୟରେ ଇଂଲଣ୍ଡକୁ ସମାନ କରିବାର ସୁଯୋଗ ମିଳିଥିଲା । ୪୫ତମ ମିନିଟରେ ଜୁଡ୍ ବେଲିଂହାମ୍ ଆନ୍‌ଥୋନି ଗର୍ଡନଙ୍କଠାରୁ ପାସ୍ ପାଇଲେ, ଏବଂ ଜୁଡ୍ କୌଣସି ଭୁଲ କରି ସ୍କର ୧-୧ କରିଥିଲେ ।

ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ବିଜୟୀ ଗୋଲ ସ୍କର କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ । ଇଂଲଣ୍ଡ ଦଖଲ ବଜାୟ ରଖିଥିଲା । ନରୱେ ଦ୍ରୁତ ପ୍ରତିଆକ୍ରମଣ ମାଧ୍ୟମରେ ସୁଯୋଗ ସୃଷ୍ଟି କରିଥିଲେ କିନ୍ତୁ ବିଫଳ ହୋଇଥିଲେ । ଉଭୟ ଗୋଲକିପର ଅନେକ ଚମତ୍କାର ସେଭ୍ କରିଥିଲେ, ଯାହା ଫଳରେ ଉଭୟ ଦଳକୁ ୯୦ ମିନିଟ୍ ପର୍ଯ୍ୟନ୍ତ ଅଗ୍ରଣୀ ପାଇବାରୁ ରୋକିଥିଲା । ଏହାପରେ ମ୍ୟାଚ୍ ଅତିରିକ୍ତ ସମୟରେ ଯାଇଥିଲା । ଇଂଲଣ୍ଡ ଅତିରିକ୍ତ ସମୟରେ ସେମାନଙ୍କର ଅଭିଜ୍ଞତା ପ୍ରଦର୍ଶନ କରିଥିଲା । ୯୩ତମ ମିନିଟରେ, ଜୁଡ୍ ବେଲିଂହାମ୍ ପୁଣି ଥରେ ତାଙ୍କର ଶ୍ରେଣୀ ପ୍ରମାଣିତ କଲେ, ଏକ ଚମତ୍କାର ଗୋଲ ସ୍କର କଲେ ଯାହା ଶେଷରେ ନିର୍ଣ୍ଣାୟକ ପ୍ରମାଣିତ ହେଲା ।





# ନ୍ୟୁଜିଲାଣ୍ଡକୁ ହରାଇଲା ୱେଷ୍ଟଇଣ୍ଡିଜ

ପ୍ରୋଭିଡେନ.୧୨।୭: କିସି କାର୍ଟି ଓ ସାଇ ହୋପ୍‌ଙ୍କ ତୃତୀୟ ୱିକେଟ୍‌ରେ ୧୩୧ ରନ୍‌ର ଭାଗୀଦାର ବଳରେ ୱେଷ୍ଟଇଣ୍ଡିଜଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆକୁ ୭ ୱିକେଟ୍‌ରେ ଜିତି ନେଇଛି । ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାରେ ଘରୋଇ ଦଳ ୧-୦ରେ ଆଗୁଆ ହୋଇଯାଇଛି । ଦ୍ୱିତୀୟ ଦିନିକିଆ ଏଠାରେ ସୋମବାର ଖେଳାଯିବ ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବାଭ୍ରମଣକାରୀ ନ୍ୟୁଜିଲାଣ୍ଡ ୪୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା । ଡାରିଲ ମିଚେଲ (୬୭) କେବଳ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଏକଦା ଦଳ ୪୦ ଓଭରରେ ୨୧୬/୪ କରି ୩୦୦ରୁ ଅଧିକ ରନ୍ କରିବାର ଆଶା ସଞ୍ଚାର କରିଥିଲା ହେଲେ ଶେଷ ୬ ୱିକେଟ୍ ୩୩ ରନ୍‌ରେ ହରାଇ ୨୬୭ ରନ୍‌ରେ ଅଟକି ଯାଇଥିଲା । ପଦାର୍ପଣକାରୀ ଇଣ୍ଡିଜ୍ ବୋଲର ଭିଟେଲ ଲୱେସ୍ ୩/୫୪ ବୋଲିଂ ସଫଳତା ପାଇଥିଲେ ।

ସେ ନିକୋଲାସ ପୁରନ, ମାର୍କ ଚାପମାନ ଓ ମିଚେଲ ବ୍ରେସୱେଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ । ୨୬୮ ରନ୍‌ର ବିଜୟ ଲକ୍ଷ୍ୟକୁ ଇଣ୍ଡିଜ୍ ୭ ବଲ୍ ପୂର୍ବରୁ ୩ ୱିକେଟ୍ ହରାଇ ହାସଲ କରି ନେଇଥିଲା । କାର୍ଟି ୯୫ ରନ୍ କରି ଆଉଟ୍ ହୋଇଥିଲା ବେଳେ ସାଇ ହୋପ୍ ୮୭ ରନ୍‌ର ଅପରାଜିତ ପାଳି ଖେଳି ଦଳକୁ ବିଜୟ ଭେଟି ଦେଇଥିଲେ । ଆକିମ ଅଗଷ୍ଟି ୩୮ ଓ ସେର୍ଫାନେ ରଦରଫୋର୍ଡ ୨୨ଅ ରନ୍ କରିଥିଲେ । ମାତ୍ର ୫ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିବା କାର୍ଟି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିପୁରସ୍କାରପାଇଥିଲେ ।





Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982